ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୧୧ ନଭେମ୍ବର, ୨୦୧୯



## ସଂକ୍ଷେପରେ

### କର୍ମ, ଭକ୍ତି, ଜ୍ଞାନ ଯୋଗ ଦ୍ୱାରା ସିଦ୍ଧିପ୍ରାପ୍ତ ହୋଇଥାଏ

ତେନ୍ତୁଳିଖୁଣ୍ଟି,୧୦।୧୧(ଡି.ଏନ.ଏ): ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ସ୍ଥିତ ଦତ୍ତାତ୍ରେୟ ମନ୍ଦିର ପରିସରରେ ଖାତିଗୁଡା ବ୍ରାହ୍ମଣ ସମାଜ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃଷ୍ଣ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଋଷିକେଶ ଦିବ୍ୟଜୀବନ ସଂଘର ସାଧୁ ସ୍ୱାମୀ ପରମ ପ୍ରିୟାନନ୍ଦ ଏବଂ ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନ ରାଞ୍ଚିର ସ୍ୱାମୀ ମାଧବାନନ୍ଦ ଯୋଗ ଦେଇ ଆଧାତ୍ମିକ ଜୀବନଯାପନ କିପରି ମାନବକୁ ସିଦ୍ଧିତ୍ୱ ପ୍ରଦାନ କରେ ସେ ସମ୍ପର୍କରେ କହିଥିଲେ। ସାଧକ, ସାଧ, ସାଧନ ଓ ସିଦ୍ଧିପ୍ରାପ୍ତର ପ୍ରକ୍ରିୟା ସ୍ୱାମୀ ମାଧବାନନ୍ଦଜୀ ବର୍ଣ୍ଣନା କରିଥିଲେ। କର୍ମ, ଭକ୍ତି ଓ ଜ୍ଞାନ ଯୋଗ ମାଧମରେ ସିଦ୍ଧିପ୍ରାପ୍ତ ହୋଇଥାଏ ବୋଲି କହିଥିଲେ। ବୁଲୁ ସାହୁ, କିଶୋର ପଣ୍ଡା, ପ୍ରିୟବ୍ରତ ପାଢ଼ୀ, ଗୋପାଳ କୃଷ୍ଣ ପଣ୍ଡା, ସନ୍ତୋଷ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

### ଛାତରୁ ଖସି ଜଣେ ମୃତ

ବ୍ରହ୍ମପୁର ଅଫିସ,୧୦।୧୧:ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗରର ସ୍ଥିତ ଓଡିଶା ସେଲ୍ସ ଏକଜିକ୍ୟୁଟିଭି ଆସୋସିଏଶନ (ଓସିଆ) କୋଠାର ଛାତରୁ ଖସିପଡି ଶନିବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଲିକତାର ଟି.ମହମ୍ମଦ (୫୨)। ପୋଲିସ ରବିବାର ମୃତଦେହ ଜବତ କରିଛି। ଟି.ମହମ୍ମଦ ଏକ ଔଷଧ କମ୍ପାନୀରେ ମ୍ୟାନେଜର ଭାବେ କାମ କରୁଥିଲେ। ପ୍ରାୟ ୬ ବର୍ଷ ହେଲା ସେ ଗାନ୍ଧୀନଗରରେ ଥିବା ଓସିଆ ମେସରେ ଭଡାରେ ରହୁଥିଲେ। ଗତ ୪ ତାରିଖରେ କୌଣସି କାରଣରୁ ସେ କମ୍ପାନୀ ଛାଡି ଦେଇଥିଲେ। ଶନିବାର ସନ୍ଧ୍ୟାରେ ମେସର ରୋଷେୟା ତାଙ୍କୁ ଚାହା ଦେଇଥିଲେ। ଚାହା କପଟି ଧରି ମହମ୍ମଦ ଛାତକୁ ଯାଇଥିଲେ। କିଛି ସମୟ ପରେ ସେ ଛାତରୁ ଖସିପଡ଼ିଥିଲେ। ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଓ ଟାଉନ ଥାନାକୁ ଖବର ଦିଆଯାଇଥଲା ।

### ଆହତ କୃଷ୍ଣସାର ଉଦ୍ଧାର

**ଦିଗପହଣ୍ଡି,୧୦।୧୧(ଡି.ଏନ.ଏ.):** ଦିଗପହଣ୍ଡି ଜଙ୍ଗଲ ବିଭାଗ କର୍ମଚାରୀମାନେ ରବିବାର ଗୋଟିଏ ଆହତ ମାଇ କୃଷ୍ଣସାରକୁ ଉଦ୍ଧାର କରିଛନ୍ତି। ସୋମବାର ତାକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଦିଗପହଣ୍ଡି ଜଙ୍ଗଲ ବିଭାଗ ରେଞ୍ଜର ପି.କେ ଖଡ଼ଗରାୟ ସୂଚନା ଦେଇଛନ୍ତି। ସମ୍ପୃକ୍ତ କୃଷ୍ଣସାର ଅଧା ପ୍ରସବ ହୋଇଥିବା ଅବସ୍ଥାରେ ଦିଗପହଣ୍ଡି ଜଙ୍ଗଲ ବିଭାଗ ଅଧୀନ ବଲଧିଆ ଗ୍ରାମ ନିକଟକୁ ଆସିଯାଇଥିଲା। ଗାଁ ଲୋକମାନେ ଏଭଳି ଦୃଶ୍ୟ ଦେଖି କୃଷ୍ଣସାର ମୃଗର ଯତ୍ନ କରିଥିଲେ। ଶେଷରେ କୃଷ୍ଣସାର ଏକ ମୃତ ଶିଶୁକୁ ଜନ୍ମଦେଇ ଥିଲା। ଆହତ ହୋଇଯାଇଥିଲା। ବଲଧିଆ ଗ୍ରାମବାସୀଠାରୁ ଖବର ପାଇ ଦିଗପହଣ୍ଡି ଜଙ୍ଗଲ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଆହତ କୃଷ୍ଣସାର ମୃଗକୁ ଉଦ୍ଧାର କରିଥିଲେ।

# ମଣ୍ଡିରେ ଧାନ ବିକ୍ରି କର

## ■ ମଣ୍ଡିକୁ ଧାନ ନେବା ଆଗରୁ ଟୋକନ ସଂଗ୍ରହ ଜରୁରୀ

ମାଲକାନଗିରି, ୧୦।୧୧(ଡି.ଏନ୍.ଏ.)

ଆସନ୍ତା ୧୫ ତାରିଖରେ ମାଲକାନଗିରି ଜିଲାର ବିଭିନ୍ନ ମଣ୍ଡିରେ ଖରିପ ଧାନ ବିକ୍ରି କରାଯିବ। ମଣ୍ଡିରେ ଧାନ ବିକ୍ରି କରିବାକୁ ଜିଲା ପ୍ରଶାସନ ଚାଷୀମାନଙ୍କୁ ସଚେତନ କରୁଛି। ଡାକବାଜି ଯନ୍ତ୍ର ଦ୍ୱାରା ଧାନ ବିକ୍ରି ପାଇଁ ଥିବା ବିଭିନ୍ନ ନିୟମ ବିଷୟରେ ଚାଷୀଙ୍କୁ ସଚେତନତା କରାଯାଉଛି। ଚାଷୀମାନଙ୍କ ନିକଟରେ ମଣ୍ଡି ସମ୍ବନ୍ଧୀୟ ବାର୍ତ୍ତା ପହଞ୍ଚାଇବାକୁ ବ୍ଲକ ସଦର ମହକୁମାରେ ବୈଠକ କରାଯାଉଛି। ଏହି ଉପଲକ୍ଷେ ରବିବାର ଖଇରପୁଟ ବ୍ଲକ ସଦର ମହକୁମାରେ କୁଡୁମୁଲୁଗୁମ୍ମା ଓ ଖଇରପୁଟର ଶତାଧିକ ଚାଷୀଙ୍କୁ ନେଇ ଏକ ସଚେତନତା ସଭା କରାଯାଇଛି। ଖଇରପୁଟ ବ୍ଲକ ଉପାଧକ୍ଷା ଦିପାଳୀ ଭତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ଦୋରା, ମଣ୍ଡି ସମ୍ବନ୍ଧୀୟ ତାଲିମଦାତା ମାଷ୍ଟର ଟ୍ରେନର ଶ୍ୟାମଲ ମାରାଣ୍ଡି, ଗୁମ୍ମା ଏବଂ ଖଇରପୁଟ ଲ୍ୟାମ୍ପ୍‌ସ ଶାଖା ପରିଚାଳକ ଉପସ୍ଥିତ ଥିଲେ। ଚାଷୀମାନେ ଧାନ ମଣ୍ଡିକୁ ନେବା ପୂର୍ବରୁ ସମ୍ପୃକ୍ତ ବିଭାଗରୁ ଟୋକନ ସଂଗ୍ରହ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। ଉତ୍ତମ ମାନର ଧାନ ମଣ୍ଡିକୁ ନେବାକୁ ସେମାନେ ପରାମର୍ଶ ଦେଇଥିଲେ। ଧାନ ଅମଳ ପରେ ତାହାକୁ ଖରାରେ ଶୁଖାଇ ମଣ୍ଡିକୁ ନେଲେ ଧାନ ବିକ୍ରିରେ କୌଣସି ଅସୁବିଧା ଉପୁଜିବ ନାହିଁ। ବିନା ଟୋକନରେ ମଣ୍ଡିରେ ଧାନ ରଖିଲ ସରକାରୀ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀମାନଙ୍କ ମଣ୍ଡିରେ ରହିବା, ପାନୀୟ ଜଳ, ବର୍ଷା ହେଲେ ମଣ୍ଡିରେ ଥିବା ଧାନକୁ ସୁରକ୍ଷା, ଧାନର ମାନ ନିରୂପଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଟୋକନ ପାଇଥିବା ଧାନ ଚାଷୀଙ୍କରୁ ନିର୍ଦ୍ଧାରିତ ସମୟରେ ମିଲରମାନେ ଧାନ କଣିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ହିସାବ ନିରୀକ୍ଷକ ଉଦୟଭାନୁ ପାତ୍ର ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

## ■ ଅବକାରୀ କର୍ମଚାରୀ, ପୋଲିସର ଚଢ଼ାଉ

# ପୋଡ଼ିଦେଲେ ୩୭ ହଜାର ଗଞ୍ଜେଇ ଗଛ

ମାଲକାନଗିରି, ୧୦।୧୧(ଡି.ଏନ୍.ଏ.)

କୁଡୁମୁଲୁଗୁମା ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ହେଉଥିବା ନେଇ ମାଲକାନଗିରି ଜିଲା ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଠ ଖବର ପାଇଥିଲେ। ତାଙ୍କ ନେତୃତ୍ୱରେ ରବିବାର ଜିଲା ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ଓ କୁଡୁମୁଲୁଗୁମା ପୋଲିସର ଏକ ଟିମ୍ ସେଠାକୁ ଯାଇ ଗଞ୍ଜେଇ ଗଛ ସବୁ ନଷ୍ଟ କରିଥିଲେ। କୁଡୁମୁଲୁଗୁମ୍ମା ଥାନା ଅଞ୍ଚଳର ଦଙ୍ଗାକୁଣ୍ଡ, ରାଙ୍ଗିଣୀଗୁଡା, ତୋଟାଗୁଡା, ଗ୍ରାମ ନିକଟ ଜଙ୍ଗଲର ଗଞ୍ଜେଇ ଚାଷ କରାଯାଉଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ ହୋଇଥିବା ଦେଖି ପୋଲିସ ସେଗୁଡିକୁ କଟର ମେଶିନ୍ ଓ ଧାରୁଆ ଅସ୍ତ୍ର ସାହାଯ୍ୟରେ କାଟିଥିଲା। କଟା ଯାଇଥିବା ୩୭୮୦୦ ଗଛକୁ ପୋଲିସ ପରେ ନିଆଁ ଲଗାଇ ଦେଇଥିଲା। ଉକ୍ତ ଗଛର ମୂଲ୍ୟ ପ୍ରାୟ ୩୮ଲକ୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ଆଗାମୀ ଦିନରେ ମାଲକାନଗିରିରେ କରାଯାଇଥିବା ଗଞ୍ଜେଇ ଗଛ ସବୁକୁ ନଷ୍ଟ କରାଯାଇ ଏଥିରେ ସମ୍ପୃକ୍ତ ଚାଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଅବକାରୀ ସୂଚନା ଦେଇଛନ୍ତି।


ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଉଛି ।

# ୭୭୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ପଡ଼ିଆ, ୧୦।୧୧

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମାଲକାନଗିରି ଜିଲା ପଡ଼ିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ମଧ୍ୟପ୍ରଦେଶ ଇନ୍ଦୋର ଅଞ୍ଚଳର ସୁରଜ ଶର୍ମା। ପ୍ରକାଶ ଯେ, ସୁରଜ ଚିତ୍ରକୋଣ୍ଡାରୁ ଏକ ଟ୍ରକରେ ୭୭୦ କିଲୋ ଗଞ୍ଜେଇ ନେଇ ମଧ୍ୟପ୍ରଦେଶ ଯାଉଥିଲେ। ଏହି ସମୟରେ ପଡିଆ ପୋଲିସ ଟ୍ରକଟିକୁ ସନ୍ଦେହ କରି ଯାଞ୍ଚ କରିଥିଲା। କରିବା ବେଳେ ଏହା ଜଣାପଡ଼ିଥିଲା। ଏଥିରେ ଗଞ୍ଜେଇ ଚାଲାଣ ହେଉଥିବାଦେଖି ସୁରଜଙ୍କୁ ଗିରଫ କରିଥିଲା। ପୋଲିସ ଗଞ୍ଜେଇ ଜବତ କରିବା ସହ ଟ୍ରକକୁ ଅଟକ ରଖିଥିଲା। ଜବତ ଗଞ୍ଜେର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ହେବ ବୋଲି ସୂଚନା ମିଳିଛି।


ଗିରଫ ଅଭିଯୁକ୍ତ ।

### ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୦।୧୧(ଡି.ଏନ୍.ଏ.)

ମଣ୍ଡିରେ ମାଣ୍ଡିଆ ବିକ୍ରି କରିବାକୁ ସ୍ୱାଭିମାନ ଅଞ୍ଚଳ ଚାଷୀଙ୍କୁ ସଚେତନ କରାଯାଇଛି। ମଣ୍ଡିରେ ବିକ୍ରି କଲେ ଫସଲର ଉଚିତ ମୂଲ୍ୟ ପାଇହେବ ବୋଲି ଚାଷୀଙ୍କୁ ସଚେତନ କରାଯାଇଛି। ଗତବର୍ଷ ମଣ୍ଡିରେ ମାଣ୍ଡିଆ କିଲୋପ୍ରତି ୨୮ଟଙ୍କା ୯୭ ପଇସା ପାଇ ଚାଷୀ ଲାଭବାନ ହୋଇଥିଲେ। ଚଳିତ ବର୍ଷ ଚାଷୀମାନଙ୍କ ପାଇଁ ମାଣ୍ଡିଆ କିଲୋ ପ୍ରତି ୩୧ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି। ମଣ୍ଡି ବସିବା ଆଗରୁ ମାଣ୍ଡିଆକୁ ସଂରକ୍ଷଣ ତଥା ଗ୍ରେଡିଙ୍ଗ କରିବାକୁ ଚାଷୀଙ୍କୁ କୁହାଯାଇଛି। ମିଲେଟ ମିଶନ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟଲା, ରାଲେଗଡ଼ା, ଧୂଳିପୁଟ, ଚିତ୍ରକୋଣ୍ଡା, ଦୋରାଗୁଡା,ଗୁଣ୍ଡାୱାର୍ଡା, କପାତୁଟି, ନୂଆଗୁଡା ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯାଇଛି।

### ନୂତନ ସମିତି ସଭ୍ୟଙ୍କୁ ସମ୍ବର୍ଦ୍ଧନା

ଡାବୁଗାଁ, ୧୦।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ନବ ନିର୍ବାଚିତ ଜବାଗୁଡା ପଞ୍ଚାୟତ ନୂତନ ସମିତି ସଭ୍ୟ ସଦନ ଭତ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲାପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ଡାବୁଗାଁ ବ୍ଲକ ଉପାଧକ୍ଷା ସୁଷମା ବିଶୋୟୀ, ଏମ୍. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଟି. ଜୁଗୁନୁ ବାବୁ, ଏମ୍ ବୁଲୁ ରାଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ସମସ୍ତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ।


ଡାବୁଗାଁଠାରେ ସମ୍ବର୍ଦ୍ଧନା ସଭାରେ ବିଧାୟକ ମନୋହର ରନ୍ଧାରୀଙ୍କ ସମେତ ଅନ୍ୟ ଅତିଥିମାନେ।

# ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବକମାନେ।

ମାଲକାନଗିରି, ୧୦।୧୧(ସ୍ୱ.ପ୍ର.)

କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିଳାଞ୍ଚଳ କ୍ରିକେଟ ଆସୋସିଏଶନ ପକ୍ଷରୁ ରବିବାର ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଡାକ୍ତରଖାନା ସଫେଇ କରିବା ସହ ସେମାନେ ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ। ବର୍ତ୍ତମାନ ଋତୁ ପରିବର୍ତନ ଯୋଗୁ ଛୋଟଛୋଟ ଶିଶୁ ମାନଙ୍କୁ ଥଣ୍ଡା, କାଶ ଓ ଜ୍ୱର ହେଉଛି। ଏହା ମଶା ମାଛିଙ୍କ ଦ୍ୱାରା ସଂକ୍ରମିତ ହୋଇଥାଏ। ସମସ୍ତେ ଘର ଚାରିପଟ ପରିସ୍କାର ରଖିବା ସହ ମଶାରୀ ବ୍ୟବହାର କରିବା ଜରୁରୀ ବୋଲି ଆଲୋଚନା ହୋଇଥିଲା। ଏହାଛଡ଼ା ଗରମପାଣି ବ୍ୟବହାର, ବାସି ଖାଦ୍ୟ ନ ଖାଇବା, ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ, ଖାଇବା ପୂର୍ବରୁ ହାତ ଧୋଇବା ବାର୍ତ୍ତା ସେମାନେ ଦେଇଥିଲେ। କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ନାୟକ, ଦେବ ଗୌଡ, ଜିତୁ ବିଶ୍ୱାଳ, ବିପିଏମ୍ ପ୍ରିତିରଞ୍ଜନ ମହାନ୍ତି, ଭିଭିଟିଏସ ଅମୂଲ୍ୟରତ୍ନ ଷଡଙ୍ଗୀ, ଡାକ୍ତର ଅମିତ ସାହୁ, ହିତାଂଶୁ କୁଡେଇ, ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ଦଳେଇ, ଦିପକ, ସନ୍ତୋଷ ଗୌଡ, ସ୍ୱେତେସ ସାବତ, ନଳିନୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରିକେଟ ଆସୋସିଏଶନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାରୁ ଡାକ୍ତର ନାୟକ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ବୃତ୍ତି ପାଇଲେ ଆଶ୍ରମ ବିଦ୍ୟାଳୟର ୮ ଛାତ୍ରୀଛାତ୍ର



ବୃତ୍ତି ପାଇଥିବା ଛାତ୍ରୀଛାତ୍ର।

ଖଇରପୁଟ, ୧୦।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଖେମାଗୁରୁ ଆଶ୍ରମ ବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ସଫଳତା ପାଇଛନ୍ତି। ପଞ୍ଚମ ଶ୍ରେଣୀରୁ ୨ଜଣ ଓ ତୃତୀୟ ଶ୍ରେଣୀର ୬ଜଣ ଛାତ୍ରୀଛାତ୍ରଙ୍କୁ ଏହି ସଫଳତା ମିଳିଛି। ଛାତ୍ରୀଛାତ୍ର ନିଜ ପରିଶ୍ରମ ପାଇଁ ଏହି ସଫଳତା ପାଇଛନ୍ତି। ପ୍ରଧାନଶିକ୍ଷକ ସୁକାନ୍ତ ବେହେରା ଏହି କୃତିତ୍ୱର ଶ୍ରେୟ ଶିକ୍ଷକ ପ୍ରଦୀପ ରଥ, ସଂଗ୍ରାମ ସେନାପତିଙ୍କୁ ଦେଇଛନ୍ତି। ଏହି ବିଦ୍ୟାଳୟ ଚଳିତ ବର୍ଷ ‘ଗାରିମା’ ପୁରସ୍କାର ପାଇଛି।

# ଜାକଲକୋଣ୍ଡିକୁ ହରାଇ ନାଲାଗୁଣ୍ଠି ଚାମ୍ପିୟନ

**ସରିଲା ଫୁଟବଲ ଟୁର୍ନାମେଣ୍ଟ**

କାଲିମେଳା,୧୦।୧୧(ଡି.ଏନ୍.ଏ.)

କାଲିମେଳା ବ୍ଲକ ନାଲାଗୁଣ୍ଠି ପଞ୍ଚାୟତ ଦୁର୍ଗମ ନୁଆଗୁଡା ଗାଁରେ ଚାଲିଥିବା ଶହୀଦ ଲକ୍ଷ୍ମଣ ନାୟକ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ନାଲାଗୁଣ୍ଠି ଓ ଜାକଲକୋଣ୍ଡି ଦଳ ପରସ୍ପରକୁ ଭେଟିଥିଲେ। ଜାକଲକୋଣ୍ଡି ଦଳକୁ ନାଲାଗୁଣ୍ଠି ୨-୧ରେ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ନାଲାଗୁଣ୍ଠି ସରପଞ୍ଚ ଇର୍ମା ମାଡକାମି, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ ,ଅନୁପ ମିସ୍ତ୍ରୀ ଅତିଥିଭାବେ ଯୋଗ ଦେଇଥିଲେ। ବିଜୟ ନାଲାଗୁଣ୍ଠି ଦଳକୁ ୫୫୦୦ ଓ ଟ୍ରଫି ପ୍ରଦାନ କରାଯାଇଛି। ରନର୍ସଅପ ଜାକାଲକୋଣ୍ଡି ଦଳକୁ ୩୫୦୦ ଟଙ୍କା ଓ ସିଲ୍ ପ୍ରଦାନ କରାଯାଇଛି। ଇଦିକୋଣ୍ଡା ବିଦ୍ୟାଳୟ ଶିକ୍ଷକ ଗଙ୍ଗାଧର ପଡିଆମି ରେଫରୀ ଦାୟିତ୍ୱ ତୁଲାଇ ଥିଲେ। ଏମ୍‌ପିଭି-୩୬ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଜେନା ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ଥିଲେ। ବାସୁଦେବ ସରଦାର, ଭୀମା କବାସୀ, ରାମଚନ୍ଦ୍ର ଖଟୁଆ,ଏକା ପୁଷମ, ଶଙ୍କର ହାଲାଦର ଏଥିରେ ସହଯୋଗ କରିଥିଲେ। ପ୍ରକାଶ ଯେ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ସାମିଲ ହୋଇଥିଲେ।


ପଡିଆରେ ଉଭୟ ଦଳର ଖେଳାଳିମାନେ।

## ■ କାଲିମେଳା ଲ୍ୟାମ୍ପ୍‌ସ ବାର୍ଷିକ ସାଧାରଣ ସଭା

# ଦୈନିକ ୬ କୁଇଣ୍ଟାଲ ଧାନ ସଂଗ୍ରହ ଦାବି

କାଲିମେଳା,୧୦।୧୧(ଡି.ଏନ୍.ଏ.)

କାଲିମେଳା ଲ୍ୟାମ୍ପ୍‌ସର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଛି। କାଲିମେଳା ବ୍ଲକ ଅଧକ୍ଷ ମାଳା ମାଢି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଉତମ ରାୟ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଲ୍ୟାମ୍ପ୍‌ସ ସଭାପତି ମତି ଖୀଲ, ଉପସଭାପତି ସହଦେବ ମାଟମ, ସମ୍ପାଦକ ପ୍ରଦିପ କୁମାର ପ୍ରଧାନ ଯୋଗ ଦେଇଥିଲେ। କାଲିମେଳା ଲ୍ୟାମ୍ପ୍‌ସ ଅଧୀନରେ ୧୩ଟି ଧାନ ମଣ୍ଡି କରାଯିବ। କାଲିମେଳା,ଉଣ୍ଡୁକାଣ୍ଡା,ଗମ୍ପା କୋଣ୍ଡା,ସାଲମାରିକୋଣ୍ଡା,ପୋଟେରୁ ,ଭେଜାଙ୍ଗବାଡା, ଚିନ୍ତଲବାଡା,ଏମଭି-୭୨,ମାନ୍ୟମକୋଣ୍ଡା,ଲୁଗେଲ ଓ ଏମପିଭି-୮୧ରେ ଏହି ମଣ୍ଡି କରାଯିବା ଯୋଜନା ରହିଛି। କାଲିମେଳା ମଣ୍ଡିରେ ଦୈନିକ ୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ବଢାଇ ୬ହଜାର କୁଇଣ୍ଟାଲ କରିବାକୁ ଚାଷୀ ଦାବି କରିଛନ୍ତି। ଉଣ୍ଡୁକୋଣ୍ଡା ଓ ଗିରକାନପାଲ୍ଲୀରେ ସପ୍ତାହକୁ ସପ୍ତାହକୁ ୨ ଥର ମଣ୍ଡି କରି ଧାନ କିଣିବାକୁ ଚାଷୀମାନେ ଦାବି କରିଛନ୍ତି। ମଣ୍ଡିରେ ଦଲାଲଙ୍କୁ ହଟାଇବାକୁ ଆଇ ସ୍କାନର ଲାଗିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ଚଳିତ ବର୍ଷ ସରକାର ଧାନ ମଣ୍ଡିରେ ଚାଷୀଙ୍କ ସୁବିଧା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଧାନ ବିକ୍ରି ସମୟରେ ଚାଷୀମାନେ ଯେଭଳି ଅସୁବିଧା ନ ଭୋଗନ୍ତି ସେଥିପ୍ରତି ଧାନ ଦେବାକୁ ଲୋକ ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ୍‌ସ ସଦସ୍ୟ କାର୍ତ୍ତିକ ଦେବନାଥ, ଦିଲୀପ ସିଲ, ଦିଲୀପ ବିଶ୍ୱାସ, ବାଦଲ ଚନ୍ଦ୍ର ବୈରାଗୀ ପ୍ରମୁଖ ଯୋଗ ଦେଇଥିଲେ। ରବିନ ମଣ୍ଡଳ,ଗଙ୍ଗା ମାଡକାମୀ, ଇର୍ମା ମାଢି, ଦେବାଶିଷ ହାଲଦାରଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ବୈଠକରେ ଲ୍ୟାମ୍ପ୍‌ସ କର୍ମଚାରୀ ଓ ଚାଷୀ।

■୧୩ ମଣ୍ଡିରେ ହେବ ଧାନ ବିକ୍ରି
■ସପ୍ତାହକୁ ୨ଥର ମଣ୍ଡି କରାଯିବା ଦାବି

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଘରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର ଅଫିସ,୧୦।୧୧:** ବୈଦନାଥପୁର ଥାନା ଅନ୍ତର୍ଗତ ରାମନଗର ୩ୟ ଲାଇନର ନବୀନ ନାୟକଙ୍କ ତାଲାବନ୍ଦ ଘରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଲା ଭାଙ୍ଗି ଉକ୍ତ ଘରେ ପଶିଥିଲେ। ଘରଟି ଧୂଆଁମୟ ହୋଇଯାଇଥିଲା। ଦମକଳ ବାହିନୀ ଯନ୍ତ୍ର ଦ୍ୱାରା ଧୂଆଁ ନିଷ୍କାସନ ପରେ ୨ ଟ୍ୟାଙ୍କର ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଫ୍ରିଜ ତାର ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡରେ ଟିଭି, ଫ୍ରିଜ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡିଯାଇଛି। ପ୍ରାୟ ୧ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ଗୃହକର୍ତ୍ତା ନବୀନ କହିଛନ୍ତି।

### ୩ ପୁସ୍ତକ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ୍,୧୦।୧୧:** କଳିଙ୍ଗ ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବକାଶରେ ଉତ୍କଳ ଆଶ୍ରମ ଜାତୀୟଭବନ ସଭାକକ୍ଷରେ ବୌଦ୍ଧିକ ସମ୍ମାନ ଭଞ୍ଜଭାରତୀ ବକ୍ତୃତାମାଳାର ଭବ୍ୟ ଆୟୋଜନ କରାଯାଇଥିଲା। ସଭାନେତ୍ରୀ ଅମିୟବାଳା ପଟ୍ଟନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ତଥା ସଂଗୀତ ନାଟକ ଏକାଡେମୀର ପ୍ରାକ୍ତନ ସଭାପତି ମନ୍ମଥ କୁମାର ଶତପଥୀ ମୁଖ୍ୟ ଆଲୋଚକ ରୂପେ ଯୋଗଦେଇ ଲୋକ ସ୍ପନ୍ଦନର ପ୍ରକାଶ କ୍ଷେତ୍ର: ଲୋକବିଦ୍ୟା' ଶୀର୍ଷକ ବିଷୟରେ ସବିଶେଷ ଆଲୋକପାତ କରିଥିଲେ। ଏହି ଶାରଦୀୟ ସାହିତ୍ୟ ଉତ୍ସବରେ ୩ଟି ସାହିତ୍ୟ ପୁସ୍ତକର ଲୋକାର୍ପଣ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ. କୁଳମଣି ଓଝାଙ୍କ ରଚିତ ସମାଲୋଚନା ପୁସ୍ତକ 'ସାରସ୍ୱତ ପରିଶୀଳନ : ପରିଧି ଓ ପ୍ରବିଧି', ଡୁରା ସ୍ଥିତ ରାମନାରାୟଣ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବନମାଳୀ ପାଣିଗ୍ରାହୀଙ୍କ ଲିଖିତ ଗବେଷଣାଧର୍ମୀ ଆଲୋଚନାଗ୍ରନ୍ଥ 'ଅମୃତ ଅନ୍ୱେଷୋର କଥାଶିଳ୍ପୀ ଚନ୍ଦ୍ରଶେଖର ରଥ' ଓ ଗାଳ୍ପିକା ସ୍ୱର୍ଣ୍ଣମୟୀ ପାଢ଼ୀଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ନୀଳପଦ୍ମ' ଲୋକାର୍ପିତ ହୋଇଥିଲା। ମୁଖ୍ୟଅତିଥି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସଭାନେତ୍ରୀ ଅମିୟବାଳା ପଟ୍ଟନାୟକ, କଳିଙ୍ଗ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ପ୍ରଫେସର ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାରା ଏସବୁ ପୁସ୍ତକ ଲୋକାର୍ପଣ ହୋଇଥିଲା। ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ. ଶରତ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଶିକ୍ଷା ବିଭାଗର ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୧୦।୧୧:** ଗୋପାଳପୁର ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ଅଧ୍ୟାପକ ଡ. ଆଶୁତୋଷ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ବିଭାଗର ଛାତ୍ରୀ ଜ୍ୟୋତିର୍ମୟୀ ପାଣିଗ୍ରାହୀ 'ପ୍ରଯୁକ୍ତି ବିଦ୍ୟାରେ ଶିକ୍ଷକଙ୍କର ଭୂମିକା' ଉପରେ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାସିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ପି. ରଶ୍ମିତା ପାତ୍ର ଧନ୍ୟବାଦ ଦେଇଥିଲେ। ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସ୍କୁଲ ପାଇଖାନା ଟାଙ୍କିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

# ହତ୍ୟା ସନ୍ଦେହ, ୩ ଅଟକ

**ଜେକେପୁର/ରାୟଗଡା ଅଫିସ, ୧୦।୧୧**

ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ହାତୀଖମ୍ଭା ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କିରୁ ତିନିଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେ ହେଲେ ହାତୀଖମ୍ଭା ଗ୍ରାମର ଉଦାଲା ରାଜାରାଓ (୫୨) । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କୁ କେହି ହତ୍ୟା କରି ପାଇଖାନା ଟାଙ୍କିରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।


ପାଇଖାନା ଟାଙ୍କି ନିକଟରେ ଲୋକଙ୍କ ଭିଡ଼ ।

ଶୁକ୍ରବାର ରାତିରେ ଉଦାଲା ଓ ତାଙ୍କ ସ୍ତ୍ରୀ ପାର୍ବତୀ ଘରେ ଖାଉଥିଲେ । ଏହି ସମୟରେ ଉକ୍ତ ଗ୍ରାମର ମହେନ୍ଦ୍ର ମାଣ୍ଡାଲା (୨୨) ଓ ମାଧବ କାଡ୍ରାକା (୨୨) ତାଙ୍କ ଘରକୁ ଆସିଥିଲେ । ପରେ ଉଦାଲାଙ୍କୁ ଡ଼ାକି ବାହାରକୁ ନେଇଯାଇଥିଲେ । ହେଲେ ବିଳମ୍ବିତ ରାତିରେ ମହେନ୍ଦ୍ର ଓ ମାଧବ ସେମାନଙ୍କ ଘରକୁ ଫେରିଥିଲେ। କିନ୍ତୁ ଉଦାଲା ଆଉ ଫେରି ନ ଥିଲେ। ସେମାନଙ୍କୁ ଦେଖି ପାର୍ବତୀ ବ୍ୟସ୍ତ ହୋଇ ପଚାରିବାରୁ ଉଦାଲା ଫେରି ଆସିଥିବା କହିଥିଲେ । ତା ପରଦିନ ସକାଳୁ ପାର୍ବତୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଉଦାଲାଙ୍କର କୌଣସି ଖୋଜଖବର ପାଇ ନ ଥିଲେ । ଏନେଇ ପାର୍ବତୀ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ଖୋଜାଖୋଜି କରିବା ସମୟରେ ହାତୀଖମ୍ଭା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କି ପାଖରେ ଦୁର୍ଗନ୍ଧ ହେଉଥିବା ଜାଣିପାରି ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରିଙ୍କୁ ଖବର ଦେଇଥିଲେ। ସରପଞ୍ଚ ଆସି ପାଇଖାନା ଟାଙ୍କିର ଘୋଡ଼ଣୀ କାଢ଼ିବାରୁ ସେଥିରେ ଉଦାଲାଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରେ ସଙ୍ଗେ ସଙ୍ଗେ ମୁକୁନ୍ଦପୁର ଫାଣ୍ଡି ଓ ଚାନ୍ଦିଲି ଥାନାକୁ ଖବର ଦେଇଥିଲେ। ଚାନ୍ଦିଲି ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ମହେନ୍ଦ୍ର, ମାଧବ ଓ ରାଜେନ୍ଦ୍ର ପାଲାକାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ତାଙ୍କୁ ହତ୍ୟା କରାଯାଇ ଏଠାରେ ଫିଙ୍ଗି ଦେଇଥିବା ତାଙ୍କ ପାର୍ବତୀ ଅଭିଯୋଗ କରିଛନ୍ତି ।


ନାମସଂକୀର୍ତ୍ତନ କରାଯାଉଛି ।

## ଅଖଣ୍ଡ ନାମ ସଂକୀର୍ତ୍ତନ

**ରାୟଗଡ଼ା ଅଫିସ ,୧୦।୧୧**

ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ସାହିବାସିନ୍ଦାଙ୍କ ଦ୍ୱାରା ଅଖଣ୍ଡ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଛି। ଶନିବାର ଅଧିବାସ ପରେ ରବିବାର ସଂକୀର୍ତ୍ତନ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ । ଏଥିରେ କଳାହାଣ୍ଡିର ୬ଟି ଦଳ ଓ ରାୟଗଡ଼ାର ଗୋଟିଏ ଦଳ ଭାଗ ନେଇଛନ୍ତି। ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି । ପରିବାରର ଶାନ୍ତି ବଜାୟ ରଖିବା ଲାଗି ଏହା ଆୟୋଜିତ ହୋଇଛି।

## ବରିଷ୍ଠ ପ୍ରଧାନଶିକ୍ଷକ ସମ୍ମାନିତ


ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ଜେକେପୁର/ଆମ୍ବାଦୋଳା, ୧୦।୧୧**

ରାୟଗଡ଼ା ଜିଲା ଅନ୍ତର୍ଗତ କୋଲନରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସରଗୀଫୁଲ କାର୍ଯ୍ୟକ୍ରମରେ ରିଭଲକଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୀମାଞ୍ଚଳ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ତଥା ପଛୁଆବର୍ଗ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ଉଚ୍ଚକୋଟୀର , ଛାତ୍ରବତ୍ସଳ ଓ ମିଷ୍ଟଭାଷୀ ଶିକ୍ଷକ ଭାବେ ବେଶ୍ ପରିଚିତ। ମନ୍ତ୍ରୀ ଏକଦା ପ୍ରଧାନଶିକ୍ଷକଙ୍କ ଛାତ୍ର ଥିଲେ ।

## ବିଭିନ୍ନ ସ୍ଥାନରେ ମହମ୍ମଦ ଜୟନ୍ତୀ ପାଳିତ


ରାୟଗଡ଼ାରେ ମହମ୍ମଦଙ୍କ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା ।

**ରାୟଗଡ଼ା ଅଫିସ /ମୁନିଗୁଡ଼ା, ୧୦।୧୧(ଡ଼ି.ଏନ.ଏ)**

ରାୟଗଡ଼ା ଜାମା ନୁରାନି ମସ୍‌ଜିଦରେ ରବିବାର ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପ୍ରବକ୍ତା ମହମ୍ମଦଙ୍କ ଜନ୍ମ ସମୟ ଅନୁସାରେ ନମାଜ ପାଠ କରାଯାଇଥିଲା । ଏହାପରେ ଏକ ବିରାଟ ର୍‍ୟାଲି ମସଜିଦ୍‌ଠାରୁ ବାହାରି ପିଟଲା ସାହି , ଆରକେ ନଗର , ଓଭର ବ୍ରିଜ ,ଷ୍ଟେଶନ , କସ୍ତୁରୀ ନଗର ଦେଇ ମସଜିଦଠାରେ ପହଞ୍ଚିଥିଲା । ଏହାପରେ ପତାକା ଉତ୍ତୋଳନ କରାଯାଇଥିଲା । ପ୍ରବକ୍ତା ମହମ୍ମଦଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକୁ ଧର୍ମଗୁରୁ ମେହେବୁବ ଆଲମଙ୍କ ଦ୍ୱାରା ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା । କମିଟି ସଭାପତି ଜାଲିଲ୍ ଖାନ୍ ,ସମ୍ପାଦକ ଜାକିର ହୁସେନ୍ ,ସେଦ୍ ଆସେଜ, ଉପ ସଭାପତି ମହମ୍ମଦ ଜାହାଙ୍ଗିର ହୁସେନ ଏବଂ ଶତାଧିକ ଜନ ସାଧାରଣ ସହଯୋଗ କରିଥିଲେ । ସେହିପରି ମହମ୍ମଦଙ୍କ ଜୟନ୍ତୀ ମୁନିଗୁଡାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁନିଗୁଡା ଜାମା ମସଜିଦ ସଙ୍ଘର ସଭାପତି ମହମ୍ମଦ ଆୟୁବ ଓ ଶେଖ ହବିପଙ୍କ ମିଳିତ ନେତୃତ୍ୱରେ ସ୍ଥାନୀୟ ସାହିନ ହୋଟେଲ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମସଜିଦ୍‌ଠାରେ ପହଞ୍ଚିଥିଲା । ପରେ ମୁଖ୍ୟ ହାପିସା ମହମ୍ମଦ ଜାକାଉଲ୍ଲା ସାମୂହିକ ନମାଜ ପାଠ କରାଇଥିଲେ । ସଂଘର କରାମତ ହୁସେନ, ମହମ୍ମଦ ଆରିଫ, ମହମ୍ମଦ ମକସୁଦ ଅଲି, ଏମ ମାଖୁ ପ୍ରମୁଖ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ବସ୍ତ୍ର ଓ ଫଳ ବଣ୍ଟନ କରିଥିଲେ । ସନ୍ଧ୍ୟାରେ ସଂଘ ତରଫରୁ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜାମା ମସଜିଦ ସଙ୍ଘର ଉପ ସଭାପତି ଅବଦୁଲ ରେହେମାନ, ଏମ ୟାସିନ,ଏମ ଫାରୁକ୍, ଅବଦୁଲ ହାଜି ଯୁବକ ସଂଘର ଶେଖ ଶାହରୁକ, ଏମ ଅନିଶ, ରାଜ, ଶେଖ ନସିମ, ଶେଖ ୱାସିମ, କୟୁମ, ମୋଇନ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ । ଏହି ଉପଲକ୍ଷେ ସୋମବାର ସଂଘ ତରଫରୁ ଏକ କୱାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବୃତ୍ତି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା

**ଆମ୍ବାଦୋଳା,୧୦।୧୧(ଡ଼ି.ଏନ.ଏ)**

ମୁନିଗୁଡ଼ା ବ୍ଲକ ଆମ୍ବାଦୋଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଏହାକୁ ନେଇ ଗୁରୁଜୀଗୁରୁମା, ପରିଚାଳନା ସମିତି ସଦସ୍ୟମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରାଚୀପ୍ରତ୍ୟାସା ମିଶ୍ର, ଦିବ୍ୟଙ୍କା ନନ୍ଦ ବ୍ଲକସ୍ତରରେ କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ତୃତୀୟ ଶ୍ରେଣୀରେ ଶ୍ରୀୟାରାଣୀ ଜେନା, ସ୍ୱୀକୃତି ରଥ, ମନିଷ ସାହୁ ବୃତ୍ତି ପାଇବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ସଫଳତା ନେଇ ଛାତ୍ରୀଛାତ୍ରଙ୍କୁ ଗୁରୁଜୀଗୁରୁମା କୃତଜ୍ଞତା ଜଣାଇଛନ୍ତି ।

## ସ୍ୱୟଂସେବକ ସଂଘ ପକ୍ଷରୁ ଦୀପ ପ୍ରଜ୍ୱଳନ

**ଆମ୍ବାଦୋଳା,୧୦।୧୧(ଡ଼ି.ଏନ.ଏ)**

ଆମ୍ବାଦୋଳା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଛତ୍ରପତି ଶିବାଜୀ ପ୍ରଭାତ ଶାଖା ପକ୍ଷରୁ ରବିବାର ନିକଟତମ ପଞ୍ଚମୁଖି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଦୀପ ପ୍ରଜ୍ୱଳନ କରାଯାଇଛି । ସୁପ୍ରିମକୋର୍ଟରେ ବହୁଚର୍ଚ୍ଚିତ ଅଯୋଧ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇବା ପରେ ସଂଘ ସଦସ୍ୟମାନେ ହନୁମାନ ମୂର୍ତ୍ତି ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ

**ପଦ୍ମପୁର, ୧୦।୧୧ (ଡି.ଏନ୍.ଏ.)**

ସ୍ଥାନୀୟ ଖିଲାମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ସମ୍ମାନିତ ଅତିଥି, ତହସିଲଦାର ନୀଳମାଧବ ମାଝି , ଡବ୍ଲୁଇଓ ସୁଶ୍ରୀ ସୁଶ୍ରୀମିତା ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ବକ୍ତୃତା, ଚିତ୍ରାଙ୍କନ, ଗଣିତ, ବିଜ୍ଞାନ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଅନ୍ୟ ସେବାଶ୍ରମରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟରେ ସହଯୋଗ କରିଥିଲେ । ମଞ୍ଚ କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ମନୋଜ କୁମାର ଡୁଳ, ଡମ୍ବରୁଧର ତ୍ରିପାଠୀ, ସୁଧାକର ଡୁଳ ସହଯୋଗ କରିଥିଲେ । ଏଥିରେ ରାଧାକାନ୍ତ ପାଣିଗ୍ରାହୀ, ଅନୁପମା ନାୟକ, କବିତା ଦେବୀ, ଗଦାଧର ଶବର, ସୁଶାନ୍ତ ସାହୁ, ରାଜକିଶୋର ପାଣିଗ୍ରାହୀ, ଆନନ୍ଦ ରାଓ, ସୁନିତା ତାରିଣିଆ, ଝୁନୁ ମିଶ୍ର, ସଂଯୁକ୍ତା ରଥ, ଅନିତା ଶବର ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଭୀମ ଲିମା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

## ବିଜାବଣ୍ଡଲି ଛକରେ ମାଓବାଦୀ ପୋଷ୍ଟର

**ମୁନିଗୁଡା ,୧୦।୧୧(ଡ଼ି.ଏନ.ଏ)**



ରାୟଗଡା ଜିଲା ମୁନିଗୁଡା ବ୍ଲକ ତଥା ଅମ୍ବାଦଳା ଥାନା ଅନ୍ତର୍ଗତ ବିଜାବଣ୍ଡଲି ଗ୍ରାମ ଛକ ନିକଟରେ ରବିବାର ମାଓବାଦୀ ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ଉକ୍ତ ବ୍ୟାନର ଓ ପୋଷ୍ଟର ବଂଶଧାରା ଘୁମୁସୁରା ନାଗାବଳି ଡିଭିଜନ କମିଟି ସିପିଆଇ (ମାଓବାଦୀ ) ବୋଲି ଲେଖାଯାଇଛି। ଏହି ବ୍ୟାନର ଓ ପୋଷ୍ଟରରେ କଶ୍ମୀରବାସୀଙ୍କ ଉପରେ ଜୁଲୁମ ବନ୍ଦ କର, ଧାରା ୩୭୦ ଓ ୩୫(ଏ) ର ଉଚ୍ଛେଦକୁ ବିରୋଧ , ପାର୍ବତୀ ପାଣ୍ଡୁ ଆତ୍ମସମର୍ପଣ କରି ନାହାନ୍ତି, ତାଙ୍କୁ ଏସପି ଗତ ୨୩ ତାରିଖ ରାତିରେ ଖମାରି ଗାଁ ଡଙ୍ଗରରୁ ଉଠେଇ ନେଇ ଆତ୍ମସମର୍ପଣ ଦର୍ଶାଇଛନ୍ତି, ଏସ୍‌ପିଙ୍କ ଏପରି ଘୃଣ୍ୟ କାର୍ଯ୍ୟକୁ ବିରୋଧ, ଫାସିବାଦୀ ମୋଦି-ସଙ୍ଘ ପରିବାରର ଉଗ୍ରରାଷ୍ଟ୍ରବାଦ ଓ ଗେରୁଆ ଆତଙ୍କବାଦୀ କାର୍ଯ୍ୟକଳାପକୁବିରୋଧ , କଶ୍ମୀରବାସୀଙ୍କ ଆନ୍ଦୋଳନକୁ ସମର୍ଥନ, କଶ୍ମୀରବାସୀଙ୍କ ବିକାଶ ନୁହେଁ ବରଂ ତାଙ୍କର ଅସ୍ତିତ୍ୱକୁ ଲୋପ କରି ଜମିକୁ ବିଦେଶୀ କମ୍ପାନୀ ହାତରେ ଟେକି ଦେବା ପାଇଁ ଧାରା ୩୭୦ ଓ ୩୫(ଏ) କୁ ହଟା ଯାଇଛି, ଏହି ଏକ ଛତ୍ରବାଦୀ ନିଷ୍ପତ୍ତିକୁ ବିରୋଧ କରିବା ଆଦି ନେଇ ପୋଷ୍ଟରରେ ଉଲ୍ଲେଖ ରହିଛି । ତେବେ ଏହି ବିଜାବଣ୍ଡଲି ଛକରେ ଗୋଟିଏ ବ୍ୟାନର ଓ ୪ଟି ପୋଷ୍ଟର ଲଗାଯାଇଛି । ଏହି ପୋଷ୍ଟରକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି ।

## ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**ଗୁଣପୁର,୧୦।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୭ତମ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଙ୍କୁଳ ପ୍ରମୁଖ ମନୋରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଉପସଭାପତି ବି.ଲକ୍ଷ୍ମୀ ନାରାୟଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଯୁଗ୍ମସମ୍ପାଦକ ଦିଲୀପ ପଣ୍ଡା, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଗୁଣପୁର, ପଦ୍ମପୁର, ଗୁଡାରି, କେନ୍ଦୁଗୁଡା, ରାମନାଗୁଡା, ଗୁମୁଡା ଏବଂ ଡମ୍ବସରା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଙ୍କୁଳ ଶାରୀରିକ ପ୍ରମୁଖ ସନ୍ତୋଷ ସେନାପତି, ସହଶାରୀରିକ ପ୍ରମୁଖ ମନୋଜ କୁମାର ମହାରଣା ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଆଇନଜୀବୀ ରମେଶଚନ୍ଦ୍ର ଲିମା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଯୋଗାସନ, ଡମ୍ବଲସ, ଲେଜିମ ଯୋଗ, ସାହସିକ ପ୍ରଦର୍ଶନ ଏବଂ ଅଗ୍ନିବଳୟ ପ୍ରଦର୍ଶନ କରିଥିଲେ । ଏତଦ୍‌ବ୍ୟତୀତ ଗୁରୁମା, ଗୁରୁଜୀମାନଙ୍କ ମଧ୍ୟରେ ଦୌଡ, ଗୋଳାଫିଙ୍ଗା କ୍ରୀଡା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଶିବାନୀ ମିଶ୍ର, ତୁଳସୀ କୁମାର ଦାସ ଓ ଶ୍ରୀୟାଶ୍ରୀ ରାଜଗୁରୁ ବିଭିନ୍ନ ଖେଳରେ ପୁରସ୍କୃତ ହୋଇଥିଲେ । ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ୩ୟ ଥର ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଖେଳାଳିମାନେ ପୁରସ୍କୃତ ହୋଇଥିଲେ ।


ଅତିଥିଙ୍କ ଦ୍ୱାରା କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

## ଦଲାଲଙ୍କ କବ୍‌ଜାରେ ଆତ

**ରାୟଗଡ଼ା ଅଫିସ,୧୦।୧୧**

- ଚାଷୀ ପାଉନାହାନ୍ତି ଉଚିତ ମୂଲ୍ୟ
- ବାହାର ରାଜ୍ୟରେ ଆତର ଚାହିଦା ବେଶୀ
- ଗୋଟିଏ ଝୁଡ଼ିକୁ ୧୫୦ ରୁ ୨୦୦ ଟଙ୍କାରେ ବିକ୍ରି


ରାସ୍ତାକଡ଼ରେ ବ୍ୟବସାୟୀମାନେ ଆତ ବିକ୍ରି କରୁଛନ୍ତି ।

ରାୟଗଡା ଜିଲାର ଆମ୍ବ, ସପୁରି, ପଣସ, ଲିଚୁ ପରି ଆତର ଚାହିଦା ବାହାର ରାଜ୍ୟରେ ବେଶ ରହିଛି। ଏହାର ସୁଯୋଗ ନେଇ ଦଲାଲ ହେଉଛନ୍ତି ମାଲାମାଲ। ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ଚାଷୀ ପାଇପାରୁ ନାହାନ୍ତି ଉଚିତ ମୂଲ୍ୟ। ଜିଲାରେ ଏହା କୃତ୍ରିମ ଅଭାବ ଦେଖା ଦେଇଥିବାରୁ ଉଭୟ ସ୍ଥାନୀୟ ବେପାରୀ ଓ ଖାଉଟି ପାଇବାରୁ ବଞ୍ଚିତ ହେଉଛନ୍ତି।

ରାୟଗଡା ଜିଲାର ଆଦିବାସୀ ଅଧ୍ୟୁଷିତ ପାହାଡିଆ ଅଞ୍ଚଳ ପିପିଲିଗୁଡା,ସାନ୍ଧୁବାଡି, ମୀରାବାଲି, ଅନିଜା, କେରଡା, ପେନିକଣା, ଦୁର୍ଗାପଡ଼ା , ବଡ଼ ଆଳୁବାଡ଼ି ଆଦି ଅଞ୍ଚଳରେ ବହୁ ପରିମାଣର ଆତ ଉତ୍ପାଦନ କରାଯାଉଛି । ପ୍ରତିବର୍ଷ ଉକ୍ତ ଅଞ୍ଚଳର ଆଦିବାସୀ ଚାଷୀମାନେ ଏହି ବ୍ୟବସାୟକୁ ଆପଣେଇଥାନ୍ତି। ସହରରେ ବଜାରର ସୁବିଧା ନ ଥିବାରୁ ପଡୋଶୀ ଆନ୍ଧ୍ର ଓ ଖୁଚୁରା ବେପାରୀମାନଙ୍କୁ କମ ଦରରେ ଏହାକୁ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି । ସାଧାରଣତଃ ବର୍ଷା ଋତୁ ଆରମ୍ଭରୁ ଶୀତ ଋତୁ ପର୍ଯ୍ୟନ୍ତ ଅଧିକ ପରିମାଣରେ ଆତ ରାୟଗଡ଼ା ଅଞ୍ଚଳରେ ମିଳିଥାଏ । ଋତୁକାଳୀନ ଆତକୁ ଖାଉଟିମାନଙ୍କ ଆଗ୍ରହକୁ ଦେଖି ଦଲାଲମାନେ ଟନ ଟନ କମ ମୂଲ୍ୟରେ କିଣି ପଡୋଶୀ ଆନ୍ଧ୍ର ଓ ଛତିଶଗଡକୁ ବ୍ୟାପକ ପରିମାଣରେ ପଠାଇଥାନ୍ତି। ସେହିପରି ଛତିଶଗଡରେ ରାୟଗଡା ଆତର ବେଶ ଚାହିଦା ଥିବାରୁ ଏହି ଋତୁ ଆସିଲେ ଦଲାଲମାନଙ୍କ ସୁଅ ଛୁଟିଥାଏ। ତେବେ ପ୍ରଶାସନର ପ୍ରୋତ୍ସାହନ ଅଭାବରୁ ନା ଚାଷୀ ପାଇପାରୁଛନ୍ତି ଉପଯୁକ୍ତ ମୂଲ୍ୟ ନା ଗ୍ରାହକ ପାଇପାରୁଛନ୍ତି ଉତ୍କୃଷ୍ଟ ଫଳ। ଗ୍ରାହକ ମନୋଜ ସାହୁ କହିଛନ୍ତି ଯେ, ଆମ ଅଞ୍ଚଳରେ ଅନେକ ଆତ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହେଉଛି । ହେଲେ ଆମେ ଏହା ପାଇପାରୁନୁ । ସରକାରଙ୍କ ଏଥିପ୍ରତି ନଜର ରହିବା ଆବଶ୍ୟକ । କେତେ ଆତ କେଉଁଠିକୁ ଯାଉଛି ଏହା ଉପରେ ଧ୍ୟାନ ରଖିବା ଦରକାର ।

ସେହିପରି ଚାଷୀ ମେନେକା ମାଁ ସାନ୍ଧୁବାଡ଼ି କୁହନ୍ତି, ସରକାରଙ୍କ ପକ୍ଷରୁ ଆମ ଦ୍ରବ୍ୟକୁ ନେଇ କୌଣସି ପ୍ରୋତ୍ସାହନ ମିଳୁନାହିଁ । ଏହା କରାଗଲେ ଆମେ ଆହୁରି ଭଲ କାମ କରିବୁ । ଚାଷୀ ଆଦିଲକ୍ଷ୍ମୀ କେରେଡ଼ା କହିଛନ୍ତି ଯେ, ବର୍ଷା ଋତୁରୁ ଶୀତ ଋତୁ ପର୍ଯ୍ୟନ୍ତ ଏହି ଚାଷ କରିପାରୁ। ବାକି ଦିନ ବେକାର ରହୁ। କଷ୍ଟ କରୁ ହେଲେ ଉଚିତ ମୂଲ୍ୟ ପାଉନାହୁଁ। ଗୋଟିଏ ଝୁଡ଼ିକୁ ୧୫୦ ରୁ ୨୦୦ ଟଙ୍କାରେ ବିକ୍ରି କରୁ, ଯେଉଁଥିରେ ଅତ୍ୟଧିକ ଲାଭ ହୁଏ ନାହିଁ ବୋଲି କହିଛନ୍ତି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ,
ମନ ସବୁ ଶୁଦ୍ଧ ହୋଇଯାଏ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଜିଲାସ୍ତରୀୟ ପରବରେ ୩ କଳାକାର




ଜୟପୁର,୧୦।୧୧(ଡି.ଏନ୍.ଏ.): କୋରାପୁଟ ଜିଲାସ୍ତରୀୟ ପରବ ପ୍ରତିଯୋଗିତାରେ ଜୟପୁର ସହରର ଓଡ଼ିଶୀ ନୃତ୍ୟରେ ଦୁଇଜଣ ଏବଂ ଆଦିବାସୀ ନୃତ୍ୟରେ ଜଣେ ନାବାଳିକା ମନୋନୀତ ହୋଇଛନ୍ତି। ବରିଷ୍ଠ ବିଭାଗରେ ଜୟପୁର କଳାକେନ୍ଦ୍ରର ଛାତ୍ରୀ ଶର୍ମିଷ୍ଠା ବରୁଆ ଏବଂ ସଞ୍ଚିତ ଦଳେ ଓଡ଼ିଶୀ ନୃତ୍ୟର ବରିଷ୍ଠ ଓ କନିଷ୍ଠ ବର୍ଗରେ ମନୋନୀତ ହୋଇଥିବା ବେଳେ ଆଦିବାସୀ ନୃତ୍ୟ ପାଇଁ ସର୍ବକନିଷ୍ଠ ବିଭାଗରେ ନାବାଳିକା ଲୋରି ଲୋପାମୁଦ୍ରା ଜେନା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଉନ୍ନୀତ ହୋଇଛନ୍ତି। ଏହିମାନେ ପୌରାଞ୍ଚଳ ସ୍ତରୀୟ ପ୍ରତିଯୋଗିତାର ନିଜ ନିଜ ବିଭାଗରେ ପ୍ରଥମ ହୋଇଛନ୍ତି।

### ସମବାୟ ସପ୍ତାହ ପାଇଁ ପ୍ରତିଯୋଗିତା



ଜୟପୁର,୧୦।୧୧(ନି.ପ୍ର.): ୬୬ତମ ସର୍ବଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ଜୟପୁର ସମବାୟ ଡିଭିଜନ ଆନୁକୂଲ୍ୟରେ ଜୟପୁର ସହରର କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାଗୃହରେ 'ନୂତନ ଓଡ଼ିଶା ଓ ନୂତନ ଭାରତରେ ସମବାୟର ଭୂମିକା' ବିଷୟରେ ବକ୍ତୃତା ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ହୋଇଛି। ବକ୍ତୃତାରେ ସ୍ଥାନୀୟ ମଡର୍ନ ଇଂଲିଶ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ଅଶ୍ୱିନୀ ପାତ୍ର ପ୍ରଥମ, ନବରଙ୍ଗପୁର ସ୍ମାର୍ଟ ଗୁରୁକୁଳ କଲେଜ ଯୁକ୍ତ ୨ ଛାତ୍ରୀ ଶ୍ରୁତି ମିଶ୍ର ଦ୍ୱିତୀୟ ଓ ଜୟପୁର ମଡର୍ନ ଇଂଲିଶ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ପଣ୍ଡା ତୃତୀୟ ହୋଇଛନ୍ତି। ପ୍ରଥମ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହେବା ସହ ଶ୍ରେଷ୍ଠ ୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଜୟପୁର ସମବାୟ ସମିତି ସମୂହ ଉପନିବନ୍ଧକ ସି.ଏଚ୍. ଭବାନି ପ୍ରସାଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମବାୟବିତ ରମାକାନ୍ତ ରାଉଳ, ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଧକ୍ଷା ଇନ୍ଦିରା ନନ୍ଦ ଉପସ୍ଥିତ ଥିଲେ। ସୁରେଶ ଦାସ ଓ ଯୁଗଳ କିଶୋର ମିଶ୍ର ଆଲୋଚନାଚକ୍ରର ନିଷ୍କର୍ସ ଉପସ୍ଥାପନ କରିଥିଲେ। ସହକାରୀ ଉପନିବନ୍ଧକ ଶିଶିରକାନ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଇଗ୍ନୋର ଅଧିଗ୍ରହଣ ଦିବସ




ସେମିଲିଗୁଡ଼ା,୧୦।୧୧(ସ୍ୱ.ପ୍ର.): ସେମିଲିଗୁଡ଼ା ଇଗ୍ନୋରେ ଚଳିତ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଅଧିଗ୍ରହଣ ସଭା ଅନୁଷ୍ଠିତ ହୋଇଛି। ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ଉପ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ନିୟମିତ ଶିକ୍ଷା ଓ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ବ୍ୟକ୍ତିଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଦେଇଛି ଇଗ୍ନୋ। ସଂଯୋଜିକା ଡ. ଝାନ୍ସୀ ସିଂହ ଚଳିତ ବର୍ଷ ସେମିଲିଗୁଡ଼ା ପାଠ୍ୟକେନ୍ଦ୍ରରେ ୫୨୮ ଜଣ ବିଦ୍ୟାର୍ଥୀ ନାମ ଲେଖାଇଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ସୀତମର ପ୍ରଶାସନିକ ଅଧିକାରୀ ରଙ୍ଗଧନ ସାମଲ, ସୁନାବେଡ଼ା ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ଦାସ ଯୋଗ ଦେଇଥିଲେ। ସେମିଲିଗୁଡ଼ା ମହାବିଦ୍ୟାଳୟର ପ୍ରାଧାପକ ନୀଳାଞ୍ଚଳ ଆଚାର୍ଯ୍ୟ ପ୍ରାରମ୍ଭିକ ଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀଶ୍ରୀ ପଟ୍ଟନାୟକ, ରଞ୍ଜିତ ଛୋଟରାୟ, ସୁରେଶ ପାଇକରାୟ, ଗୀତା ପଟ୍ଟନାୟକ, ଜୟଶ୍ରୀ ବେହେରା, ଶିବାଶିଷ ପଟ୍ଟନାୟକ, ପ୍ରେମାନନ୍ଦ ରାଉତ, ଦାମୋଦର ପଲାଇ, ହରେଶ ଚନ୍ଦ୍ର ଶବର, ଯୋଗେନ୍ଦ୍ର ଚୌଧୁରୀ, ମନୋଜ ମଣ୍ଡଳ, ଅମିୟ ଶଙ୍କର ତ୍ରିପାଠୀ, ଭାଗିରଥୀ ରାଉତ, ପ୍ରଭାତ ବେହେରା, ବିଜୟ ପାଙ୍ଗି ଉପସ୍ଥିତ ଥିଲେ। ଅଧକ୍ଷା କାବେରୀ ବିଶ୍ୱାଳ ସଭାପତିତ୍ୱ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

■ କୋରାପୁଟରେ ନବମ ସାହିତ୍ୟ ମେଳା ଉଦ୍‌ଘାଟିତ

# 'ଲୋକଙ୍କ ପ୍ରଗତି ପାଇଁ ଲେଖନ୍ତୁ ଲେଖକ'

କୋରାପୁଟ,୧୦।୧୧(ସ୍ୱ.ପ୍ର.)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭୁବନେଶ୍ୱରସ୍ଥିତ ଲେଖାଲେଖି ଅନୁଷ୍ଠାନର ମିଳିତ ସହଯୋଗରେ ରବିବାର କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ନବମ ସାହିତ୍ୟ ମେଳା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ୧୮ଟି ନୂତନ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ସାହିତ୍ୟ ହେଉଛି ସମାଜର ଦର୍ପଣ। ତେଣୁ ସମସ୍ତ ଲେଖକ ଲୋକଙ୍କ ପ୍ରଗତି ପାଇଁ ଲେଖନୀ ଚଳାଇବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ, କୋଲକାତାର କାର୍ଯ୍ୟକ୍ରମ ଅଧିକାରୀ ମିହିର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଫନୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବଙ୍ଗଳା ଲେଖକ ହୁମାୟୁନ କବୀର ଢାଲି, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ସମ୍ମାନିତ ବକ୍ତା ଭାବେ କୋଲକାତାର ଲେଖକ ରତନତନୁ ଘାଟି




ସାହିତ୍ୟ ମେଳା ଉଦ୍‌ଘାଟନୀ ମଞ୍ଚରେ ଜିଲାପାଳଙ୍କ ସହ ଅନ୍ୟ ଅତିଥି।

### ୧୮ ପୁସ୍ତକ ଉନ୍ମୋଚିତ

ଯୋଗ ଦେଇଥିଲେ। ସାହିତ୍ୟ ହେଉଛି ସମାଜର ଦିଗଦର୍ଶକ। ତେଣୁ ଏହା ଯେତେ ମାର୍ଜିତ ହେବ, ସମାଜ ସେତେ ବିକଶିତ ହେବ ବୋଲି ଅତିଥିମାନେ କହିଛନ୍ତି। ଲେଖାଲେଖି ଅନୁଷ୍ଠାନର ସଂପାଦକ ପ୍ରଦୀପ ବେହୁରା ପ୍ରାରମ୍ଭିକ ଭାଷ ଓ ଶେଷରେ କବି ସରୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ପ୍ରୀତିଧାରା ସାମଲ, ଅଧାପକ ରବି ଶତପଥୀ, ପ୍ରାବନ୍ଧିକ ନାରାୟଣ ପଣ୍ଡା, ଜଳଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପଞ୍ଚୁକ ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଶ୍ରୀବିକ୍ରମ ବେଶ।

## ରାଜପଥରୁ ଲୁଟିନେଲେ ବୋଲେରୋ

ବୋରିଗୁମ୍ମା,୧୦।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳରେ ପୁଣିଥରେ ସକ୍ରିୟ ହୋଇଛନ୍ତି ଡକାୟତ ଦଳ। ଶନିବାର ରାତି ୯ଟାରେ ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଜୟନ୍ତିଗିରି ନିକଟରେ ଚାଳକଙ୍କୁ ଗାଡ଼ିରୁ ବାହାର କରି ବୋଲେରୋ ନେଇ ଚମ୍ପଟ ମାରିଛନ୍ତି ଡକାୟତ ଦଳ। ଏନେଇ ଚାଳକ ଜଣକ ବୋରିଗୁମ୍ମା ଥାନାରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, କେ. ଗୁନିଆ ଆଚାରୀ ଶନିବାର ରାତିରେ ବୋଲେରୋ (ଏମ୍‌ପି୦୯ ସିପି ୭୩୪୮) ନେଇ ଜୟପୁରରୁ ନବରଙ୍ଗପୁର ଯାଉଥିବା ବେଳେ ଜୟନ୍ତୀଗିରି ନିକଟରେ ୬ ଜଣ ତାଙ୍କୁ ଅଟକାଇଥିଲେ। ସେ ଗାଡ଼ି ରଖିବା ପରେ ତାଙ୍କ ବୋଲେରୋକୁ ଧରି ସେଠାରୁ ଛୁ ମାରିଥିଲେ ଡକାୟତ। ଏ ନେଇ ବୋରିଗୁମ୍ମା ଥାନାରେ ଏତଲା ହେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନାଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୋଲେରୋଟି ନବରଙ୍ଗପୁର ଜିଲା ମେଗା ଲିଫ୍ଟ ଇରିଗେସନ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ବେଳେ ଗାଡ଼ି ଚାଳକ ଜଣକ ଡେପୁଟି ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।

## ସେଲ୍ସ ରିପ୍ରେଜେଣ୍ଟେଟିଭ ସଂଘ ବାର୍ଷିକ ସମ୍ମିଳନୀ

ଜୟପୁର,୧୦।୧୧(ନି.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନରେ ରବିବାର ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନ (ଓସ୍ରୁ) ଜୟପୁର ଜିଲା କମିଟିର ୨୨ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଙ୍ଗଠନର ପତାକା ଉତ୍ତୋଳନ ପରେ ଆୟୋଜିତ ସଭାରେ ଜିଲା ସଭାପତି ସତୀଶ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡାକ୍ତର କେଦାରନାଥ ଚୌଧୁରୀ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ରଞ୍ଜନ ମିଶ୍ର ବାର୍ଷିକ ବିବରଣୀ ପାଠ ଓ କୋଷାଧକ୍ଷ ସନ୍ତୋଷ ଦଳାଇ ବାର୍ଷିକ ହିସାବ ପ୍ରଦାନ କରିଥିଲେ। ଓସ୍ରୁ ରାଜ୍ୟ ସଂପାଦକ ନୃସିଂହ ପ୍ରସାଦ ଔଷଧର ଦର ପ୍ରସ୍ତୁତି ମୂଲ୍ୟ ଉପରେ ନିର୍ଦ୍ଧାରଣ କରିବା ଓ ଏହା ଜିଏସ୍‌ଟି ନ ନେବା, ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପର ପୁନରୁଦ୍ଧାର କରିବା ନେଇ ବକ୍ତବ୍ୟ ରଖିଥିଲେ। ଓସ୍ରୁ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଡିସେମ୍ବରରେ ହେବାକୁ ଥିବା ଓସ୍ରୁର ରାଜ୍ୟ ଜି.ସି.ଏମ୍‌କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ଉପସ୍ଥିତ ଥିଲେ। ସମ୍ମିଳନୀ ଶେଷରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ସତିଶ ପଟ୍ଟନାୟକ, ଉପସଭାପତି ରଞ୍ଜନ ମିଶ୍ର, ସମ୍ପାଦକ ଲକ୍ଷ୍ମଣ ମିଶ୍ର, କୋଷାଧକ୍ଷ ଶାନ୍ତନୁ ଦଳାଇ, କାଉନସିଲ ସବ୍ କମିଟି କନଭେନର ପ୍ରିନସ ଖିଲାଡି, କେ. ଶ୍ରୀନିବାସ ରାଓ, ଭେଙ୍କଟଶ୍ୱର ପାତ୍ର, ସଚିତ୍ର ମହାନ୍ତି, ବିଷ୍ଣୁ ପଟ୍ଟନାୟକ, ସମିର ରଥ, ପ୍ରଭାତ ଖଣ୍ଡାଇ, ରଞ୍ଜିତ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ଚିତ୍ତରଞ୍ଜନ ସାହୁ, ଖାଡ଼େଶ୍ୱର ପଣ୍ଡା, ଜଗନ ଚୌଧୁରୀ, କାଉନସିଲ ମେମ୍ବର ଭାବେ ସତ୍ୟନାରାୟଣ ବରାଳ ନିର୍ବାଚିତ ହୋଇଥିଲେ।




ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

### ବର୍ଜ୍ୟବସ୍ତୁ ବୋହିବାକୁ ୫ ଗାଡ଼ିର ଶୁଭାରମ୍ଭ

କୋରାପୁଟ,୧୦।୧୧(ସ୍ୱ.ପ୍ର.)

କେରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ସ୍ୱଚ୍ଛତା ପାଇଁ ସଫେଇ ଦାୟିତ୍ୱ ନେଇଥିବା ମଞ୍ଜୁସା ସର୍ଭିସ ସଂସ୍ଥା ପକ୍ଷରୁ ୫ଟି ଗାଡ଼ିର ଶନିବାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ମଧୁସୁଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିଥିଲେ। ଏହି ଗାଡ଼ି ସ୍ୱଚ୍ଛତା ଗୀତ ବଜାଇ ସହରର ପ୍ରତି ଘରୁ ଆବର୍ଜନା ସଂଗ୍ରହ କରି ସହର ବାହାରେ ଥିବା ଡିପୋରେ ପକାଇବ। ପୌର ପରିଷଦ ପାଇଁ ୯ଟି ଗାଡ଼ି ଆସିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ଟି ଆସିଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସହରାଞ୍ଚଳ ବିଭାଗର ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଡିଆରଡିଏ ପିଡି ତଥା ଡୁଡା ନିର୍ଦ୍ଦେଶକ ପ୍ରବୀର ନାୟକ, କୋରାପୁଟ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜୟପୁର, ସୁନାବେଡ଼ା, କୋଟପାଡ଼ ଓ କୋରାପୁଟ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଓ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଭାଲୁ କବଳରୁ ସ୍ତ୍ରୀଙ୍କୁ ରକ୍ଷାକଲେ ସ୍ୱାମୀ



ଡାକ୍ତରଖାନାରେ ଚିକିତ୍ସାଧୀନ ସ୍ତ୍ରୀ ଲଛମାଙ୍କ ସହ ସ୍ୱାମୀ କୁମ ଚାଲି।

ଦଶମନ୍ତପୁର,୧୦।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଚଣ୍ଡିଜାନୀଗୁଡ଼ା ଗ୍ରାମରୁ ନିଜ ଗାଁକୁ ଫେରୁଥିବା ବେଳେ ବାଟରେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି ଦମ୍ପତି। ତେବେ ସ୍ତ୍ରୀଙ୍କୁ ଟାଣିନେଇ ଭାଲୁ ଘାଇଲା କରୁଥିବା ବେଳେ ସ୍ୱାମୀ ପଥର ମାଡ଼ କରି ତାଙ୍କୁ ଭାଲୁ କବଳୁ ରକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର କିରାଆମ୍ବ ଗ୍ରାମର କୁମ ଚାଲି ଏବଂ ତାଙ୍କ ସ୍ତ୍ରୀ ଲଛମା ଚାଲି (୫୦)। ଦୁହେଁ ନିଜ ବାଡ଼ିରେ ଲଗାଇବା ପାଇଁ ଚଣା ବିହନ ଆଣିବା ପାଇଁ ଚଣ୍ଡିଜାନୀଗୁଡ଼ାକୁ ଯାଇଥିଲେ। ରାତି ୮ଟାରେ ଜଙ୍ଗଲ ରାସ୍ତା ଦେଇ ଗାଁକୁ ଫେରୁଥିବା ବେଳେ ହଠାତ୍ ଗୋଟିଏ ଭାଲୁ ଲଛମାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସ୍ୱାମୀ କୁମ ଭାଲୁ ଉପରକୁ ପଥର ମାଡ଼ କରିବାରୁ ସେ ଲଛମାଙ୍କୁ ଛାଡ଼ି ପଳାଇଥିଲା। କିନ୍ତୁ ଲଛମାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ତାଙ୍କର ବାମ ପାର୍ଶ୍ୱ ହାତ ଓ ଡାହାଣ ପାର୍ଶ୍ୱ କାନରେ ୩ଟି ଷ୍ଟିଚ୍ ପଡ଼ିଛି।

## ଇଦ୍-ମିଲାଦୁନ୍-ନବୀରେ ସହର ପରିକ୍ରମା କଲା ଜୁଲୁସ

କୋରାପୁଟ,୧୦।୧୧(ସ୍ୱ.ପ୍ର.)

ରବିବାର ପ୍ରୋଫେଟ ମହମ୍ମଦଙ୍କ ଜୟନ୍ତୀ ତଥା ଇନ୍-ମିଲଦୁନ୍-ନବି ଅବସରରେ କୋରାପୁଟ ସହରର ମୁସିଲମ ସଂପ୍ରଦାୟ ପକ୍ଷରୁ ଏକ ବିରାଟ ଜୁଲସ ଅନୁଷ୍ଠିତ ହୋଇଛି। କୋରାପୁଟ ସୁନ୍ନି ମୁସଲିମ ସଂଘର ସଭାପତି ଏସ୍.କେ. ମଦିନା, ସଂପାଦକ ଅଲ୍ଲି ଶେଖ, ଯୁଗ୍ମ ସଂପାଦକ ମିଣ ଅନୱାର ଅଲ୍ଲୀଙ୍କ ନେତୃତ୍ୱରେ ମସଜିଦରେ ସ୍ୱତନ୍ତ୍ର ନମାଜ ପାଠ ପରେ ସ୍ଥାନୀୟ ମସଜିଦରୁ ଏକ ଜୁଲୁସ ସହର ପରିକ୍ରମା କରି କବରଖାନା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସମୂହ ପ୍ରାର୍ଥନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରୋଫେଟ ମହମ୍ମଦଙ୍କ ଜନ୍ମ ଦିବସକୁ ସୁନ୍ନି ସଂପଦାୟର ମୁସଲମାନେ ଜୁଲୁସ ଶୋଭାଯାତ୍ରା କରିପାଳନ କରିଆସୁଛନ୍ତି।



ଶୋଭାଯାତ୍ରାରେ ମୁସଲିମ ସମ୍ପ୍ରଦାୟର କୁନିପିଲାମାନେ।

### ଜାତୀୟ ଆଇନ ସେବା ଦିବସ ପାଳିତ

ଜୟପୁର,୧୦।୧୧(ଡି.ଏନ୍.ଏ.)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ସ୍ଥାନୀୟ ଜିଲା କୋର୍ଟ ଏ.ଡି.ଆର ଭବନରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏହି ଅବସରରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଜିଲା କୋର୍ଟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାଜଜ୍ ରାଜକିଶୋର ଲେଙ୍କା, ପ୍ରାଧିକରଣ ସଚିବ ଲଳତା ମଞ୍ଜରୀ ପଟ୍ଟନାୟକ, ଏସ୍‌ଡିଜେଏମ୍, ଜନ୍ମେଜୟ ପଲେଇ ଯୋଗ ଦେଇଥିଲେ। ସମାଜରେ ଅନଗ୍ରସର ଓ ଆର୍ଥିକ ସ୍ତରରେ ପଛୁଆ ରହିଥିବା ସାଧାରଣ ଲୋକଙ୍କୁ ମାଗଣା ଆଇନ ସେବା ଦେବା ଏହି ଦିବସର ଉଦ୍ଦେଶ୍ୟ ଥିବା କୁହାଯାଉଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କେ. ଦିବାକର ରାଓ, ପି. ସନ୍ନ୍ୟାସୀ ରାଓ, ହରିଶ୍ଚନ୍ଦ୍ର ମୁଦୁଲି, ଅଧାପିକା ସୁକାନ୍ତି ସଏ, ଏନଏସି ଅଫିସ୍‌ର ଲକ୍ଷ୍ମଣ ପାତ୍ର, ସୋମନାଥ ମହାନ୍ତି ଯୋଗ ଦେଇଥିଲେ।

## ଶହେ ଟଙ୍କା ପାଇଁ ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା

ବନ୍ଧୁଗାଁ,୧୦।୧୧(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକ ଗାରିଡ଼ି ପଞ୍ଚାୟତ ତୁରୁଗୁଡ଼ି ଗ୍ରାମରେ ମଦ ପିଇବାକୁ ଶହେ ଟଙ୍କା ନ ଦେବାରୁ ସ୍ୱାମୀ ନିଜ ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ସବିତା ମାଣ୍ଡିଙ୍ଗି (୧୮)। ସେ ୮ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ସ୍ୱାମୀ ରବି ମାଣ୍ଡିଙ୍ଗି ଓଢ଼ଣାରେ ସ୍ତ୍ରୀଙ୍କ ବେକକୁ ଚିପି ହତ୍ୟା କରିଥିବା ସବିତାଙ୍କ ମାମୁ ସରପତି ମାଣ୍ଡିଙ୍ଗି ଥାନାରେ ଏତଲା ଦେଇଛନ୍ତି। ଘଟଣା ପରେ ସ୍ୱାମୀ ଫେରାର ହୋଇଯାଇଛନ୍ତି। ବନ୍ଧୁଗାଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନା ଅଧିକାରୀ ତପନ ନାହାକ କହିଛନ୍ତି।

### ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ଭାଇଚାରା ଦେଖାଇଲେ ମୁସଲମାନ

ଜୟପୁର,୧୦।୧୧
(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରରେ ସୁନ୍ନି ମୁସଲମାନ ସଂପ୍ରଦାୟ ପକ୍ଷରୁ ରବିବାର ମହାପୁରୁଷ ମହମ୍ମଦଙ୍କ ଜନ୍ମଦିବସରେ ଇଦ୍-ମିଲାଦୁନ୍-ନବୀ ପାଳିତ ହୋଇଛି। ମୁସଲମାନ ଯୁବକମାନେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ଯିବା ସହ ଏକତା ଓ ଭାଇଚାରାର ସଙ୍କେତ ଦେଇଛନ୍ତି । ବହୁଚର୍ଚ୍ଚିତ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଦେଶରେ ଏକତାର ସନ୍ଦେଶ ଦେବା ପାଇଁ ଜାତୀୟ ପତାକା ଧରି ଡେରାସାହି ଜାମା ମସଜିଦରୁ ଶୋଭାଯାତ୍ରା ବାହାରିଥିଲା। ହାଇଦ୍ରାବାଦ ଲେନ୍, ବାଘ ଭଣ୍ଡାର ସାହି, କେବିଏସ୍‌ଡି ରୋଡ, ମେନରୋଡ ଦେଇ ସରକାରୀ ବସ୍‌ଷ୍ଟାଣ୍ଡ ଓ ସେଠାରୁ ପୁଣି ମସଜିଦରେ ପହଞ୍ଚିଥିଲା ଶୋଭାଯାତ୍ରା। ମଧ୍ୟାହ୍ନରେ ପୁରୁଣାଗଡ଼ ନାକଟିଡଙ୍ଗରସ୍ଥିତ ସରିଫ ହଜରତ ଚମନ ସାହା ୱାଲି ବାବାଙ୍କ ଦରଘାରେ ପ୍ରାର୍ଥନା ହୋଇଥିଲା।



ଜୟପୁରରେ ବାହାରିଥିବା ତାଜିଆ।

## ମହମ୍ମଦଙ୍କ ଜନ୍ମ ଦିବସ ପାଳିତ

ନନ୍ଦପୁର,୧୦।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ଓ ପତ୍ରପଣ୍ଡି ଗ୍ରାମରେ ରବିବାର ମହମ୍ମଦଙ୍କ ଜନ୍ମ ଦିବସ ତଥା ଇଦ୍-ମୀଲାଦୁନ-ନବୀ ପାଳିତ ହୋଇଛି। ଶନିବାର ରାତିରେ ଥୁବା ଓ ପାତ୍ରପଣ୍ଡି ଗ୍ରାମର ମସଜିଦରେ ଅଞ୍ଚଳର ସମସ୍ତ ମୁସଲିମ ଭାଇ ଏକତ୍ରିତ ହୋଇ ମହମ୍ମଦଙ୍କ ଜୀବନୀ, ନୀତିବାଣୀ ଓ ଆଦର୍ଶ ଉପରେ ମୌଲାନାଙ୍କ ଉପଦେଶ ଶୁଣିଥିଲେ। ରାତିସାରା ଉଜାଗର ରହି ଥୁବା, ପତ୍ରପଣ୍ଡି, ପରଟା, ମାଝିପୁଟ, ପାଡୁଆ, ଚଟୁଆ, ମାଝୀଗୁଡ଼ା ଗ୍ରାମର ମୁସଲିମ ଭାଇମାନେ ରବିବାର ସକାଳେ ଶୋଭଯାତ୍ରା ବାହାରି ସାତସିମିଳି ଗାଁରେ ଏକାଠି ହୋଇଥିଲେ। ଏହାପରେ ଥୁବା ଓ ପତ୍ରପଣ୍ଡି ଗାଁରେ ଖାଦ୍ୟପେୟର ଆସର ଜମିଥିଲା। ପରସ୍ପରକୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆଲୋକମାଳାରେ ଗାଁକୁ ସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶେଖ ଗଫୁର, ଶେଖ ନୂର, ଶେଖ ରମଜାନ, ଶେଖ ହୁସେନ, ଶେଖ ରହିମ, ରହିମ ଖାନ, ଶେଖ ଉସ୍‌ମାନ, ଶେଖ ଇନିସ, ଶେଖ ୟୁସୁଫ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନନ୍ଦପୁର ବ୍ଲକ ଥୁବା ଓ ପତ୍ରପଣ୍ଡିରେ ରବିବାର ମହମ୍ମଦଙ୍କ ଜନ୍ମ ଦିବସ ପାଇଁ ବାହାରିଥିବା ଶୋଭାଯାତ୍ରା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ନଭେମ୍ବର ୧୧/୨୦୧୯ Rayagada, Monday, November 11 / 2019

## ସଂକ୍ଷେପରେ



### ଖୋ-ଖୋ ଖେଳାଳିଙ୍କ କୋଲକାତା ଗସ୍ତ

**ନବରଙ୍ଗପୁର,୧୦।୧୧(ବି.ପ୍ର):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖୋ-ଖୋ ଦଳରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ୫ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଚଞ୍ଚଳା ଜାନି, ସୁଭଦ୍ରା ଭତ୍ରା, ସୁନି ହରିଜନ, ଅନିଫା ହିଆଲ ଓ ପିପିଲା ମାଝି। ଖେଳାଳିମାନେ ଆସନ୍ତା ୧୦ ତାରିଖରୁ ପଶ୍ଚିମବଙ୍ଗ ରାଜ୍ୟର କୋଲକତାର କଲ୍ୟାଣୀ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ।

### ବିଶ୍ୱଶାନ୍ତି ଅଖଣ୍ଡ ଭଜନ

**ଡାବୁଗାଁ, ୧୦।୧୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ଗ୍ରାମସ୍ଥିତ ସତ୍ୟସାଇ ମନ୍ଦିରରେ ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ଭଜନ କାର୍ଯ୍ୟକ୍ରମ ରବିବାର ଉଦଯାପିତ ହୋଇଯାଇଛି । ଏହି ଅଖଣ୍ଡ ଭଜନ ଶନିବାର ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇ ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା । ଡାବୁଗାଁ ସତ୍ୟସାଇ ସେବା ସମିତି ଆବାହକ ଏ. ବାଲରାଜୁ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏଥିରେ ଡାବୁଗାଁ ସମିତିର ଡା. ସୂର୍ଯ୍ୟ ନାରାୟଣ ଟାଟା, ନିତ୍ୟାନନ୍ଦ ମହାନ୍ତି, ସୁଦର୍ଶନ ମହାଲ୍କୁଡ, ଧଳେନ୍ଦ୍ର ଦ୍ୱାରୀ, ପବିତ୍ର ଜେନା, ରାଇଘର ଭଜନ ମଣ୍ଡଳୀର ଆବାହକ ଲଳିତ ମୋହନ ନାୟକ, ସ୍ୱପ୍ନାରାଣୀ ବିଶ୍ୱାଳ, ନବରଙ୍ଗପୁର ସମିତିର ଶଙ୍କର ପଟ୍ଟନାୟକ, ପରିଆବେଡାର ଧନପତି ସୁନା, ବୋରିପଦର ଭଜନ ମଣ୍ଡଳୀର ଆବାହକ ରଇନୁ ସୁନା, ଅମର ସୁନା, ଜଗଦୀଶ ସୁନା, ରୋଜାଲିନ ଡଙ୍ଗରୀ ଭଜନ କାର୍ଯ୍ୟକ୍ରମ ଅଂଶ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଭଗବାନ ସତ୍ୟସାଇ ବାବାଙ୍କୁ ଆରତୀ ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ସମାପନ କରଯାଇଥିଲା।

### ବ୍ଲକ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ବୈଠକ

**ଝରିଗାଁ,୧୦।୧୧(ସ୍ୱ.ପ୍ର):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ବଡଟେମରା ପଞ୍ଚାୟତ କରମଚାନ୍ଦଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଜେନାଙ୍କ ଚଳିତ ମାସ ୪ ତାରିଖରେ ମୃତ୍ୟୁ ହୋଇଥିଲା। ମୃତ ଶିକ୍ଷକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମନ୍ୱୟ ସମିତି ବୈଠକରେ ଉପସ୍ଥିତ ଶିକ୍ଷକ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଝରିଗାଁ ବ୍ଲକରେ ଗଣ ଶିକ୍ଷକ, ଶିକ୍ଷାସହାୟକ ଏବଂ ଲେବୁଲ-୫ ଏକ୍ସକ୍ୟାଡର ଶିକ୍ଷକ ମାନେ ମାସିକ ଦରମା ନିୟମିତ ପାଉନଥିବା ନେଇ ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ସେହିପରି ବ୍ଲକରେ ରହିଥିବା ବହୁ ବିଦ୍ୟାଳୟରେ ପିଲା ସଂଖ୍ୟା ଅନୁଯାୟୀ ଶିକ୍ଷକ ନାହାନ୍ତି। ଶିକ୍ଷକ ମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ବହୁ କଷ୍ଟ ଉପୁଜୁଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷକ ସମନ୍ୱୟ ସମିତିର ଅଧକ୍ଷ ତ୍ରିଲୋଚନ ପାଣ୍ଡେ, ଆବାହକ ପିତମ ପନକା,ଉପାଧକ୍ଷ ମୁରଲିଧର ନାୟକ, ପ୍ରେମଦାସ ପନକା, ଅନନ୍ତ ମଣ୍ଡଳ, ରଞ୍ଜିତ କୁମାର ଜେନା, ପଦରବିନ୍ଦ ମହାଲିକ, ମାର୍କଣ୍ଡ ମାଳି, ଆତ୍ରତ୍ରାଣ ବେହେରା, ଜନ୍ମେଜୟ ନାୟକ, ବିଭୁପ୍ରସାଦ ତ୍ରିପାଠୀ, ନରସିଂହ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନକଟାକୁ ନେଇ ୨ ଗ୍ରାମବାସୀ ମୁହାଁମୁହିଁ

**କୋଡ଼ିଙ୍ଗା,୧୦।୧୧(ଡି.ଏନ୍.ଏ.)**

- କଟାଯାଇଥିବା ଧାନକୁ ପୋଲିସ ଜିମାରେ ରଖାଗଲା
- ଉଭୟ ପକ୍ଷ ଗଣ୍ଡଗୋଳ ନ କରିବା ପାଇଁ ଥାନାରେ ଦେଲେ ଲିଖିତ ପ୍ରତିଶ୍ରୁତି



ଥାନା ଅଧିକାରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଭାଲୁଗୁଡା ଏବଂ ବାସିନି ଗ୍ରାମବାସୀଙ୍କ ମଧ୍ୟରେ ଜମିରୁ ଧାନ କଟାକୁ ନେଇ ରବିବାର ସକାଳେ ମୁହାଁମୁହିଁ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ପରସ୍ଥିତିକୁ ନିୟନ୍ତ୍ରଣ କରିଥିଲା। କୋଡିଙ୍ଗା ତହସିଲ ଅନ୍ତର୍ଗତ ଭାଲୁଗୁଡା ଏବଂ ନବରଙ୍ଗପୁର ତହସିଲ ଅନ୍ତର୍ଗତ ବାସିନି ଦୁଇଟି ପଡୋଶୀ ଗ୍ରାମ । ଏହି ଦୁଇ ଗ୍ରାମର ସୀମାରେ ଥିବା କିଛି ସରକାରୀ , ଜଙ୍ଗଲ ଏବଂ ପଟ୍ଟା ଜମିକୁ ନେଇ ଦୁଇ ଗ୍ରାମ ମଧ୍ୟରେ ଗତ କିଛି ମାସ ହେବ ବିବାଦ ଦେଖାଦେଇଛି । ଭାଲୁଗୁଡା ଗ୍ରାମବାସୀଙ୍କ କହିବା ଏବଂ ସେମାନଙ୍କ ଦସ୍ତାବିଜ ଅନୁଯାୟୀ ଗତ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଭାଲୁଗୁଡା ଗ୍ରାମବାସୀ ଦୁଇ ଗ୍ରାମ ସୀମାରେ ଥିବା ସରକାରୀ ଏବଂ ଜଙ୍ଗଲ ଜମିକୁ ଚାଷ କରିଆସୁଛନ୍ତି । ଏପରିକି ଗ୍ରାମର ମହେଶ୍ୱର ଭତ୍ରା, ବୁଟି ଭତ୍ରା, ଡମାଇ ଭତ୍ରାଙ୍କର ପଟ୍ଟା ଜମି ମଧ୍ୟ ଏଠାରେ ଅଛି । ଶନିବାର ସକାଳୁ ବାସିନୀ ଗ୍ରାମର କେତେକ ଲୋକ ଆସି ଜୋରଜବରଦସ୍ତ ଏହି ଜମିରେ ପଶି ଧାନ କାଟି ନେଉଥିଲେ। ଭାଲୁଗୁଡା ଗ୍ରାମବାସୀ ଏହାକୁ ବିରୋଧ କରିଥଲେ ଏବଂ କୋଡିଙ୍ଗା ଥାନାରେ ଜଣାଇଥିଲେ । ପୋଲିସର ହସ୍ତକ୍ଷେପ ଫଳରେ ଏକ ବିରାଟ ଗଣ୍ଡଗୋଳ ବନ୍ଦ ହୋଇପାରିଥିଲା । କୋଡ଼ିଙ୍ଗା ଥାନାଧିକାରୀ ଭୀମସେନ ନାଏକ ଉଭୟପକ୍ଷ ଲୋକଙ୍କୁ ବୁଝାଇଥିଲେ। ନବରଙ୍ଗପୁର ତହସିଲଦାର ଏବଂ କୋଡ଼ିଙ୍ଗା ତହସିଲଦାରଙ୍କ ଉପସ୍ଥିତିରେ ମାମଲାର ଏକ ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘଟଣା ଶାନ୍ତ ହୋଇଥିଲା। କଟା ଯାଇଥିବା ଧାନକୁ ଜବତ କରି କୋଡିଙ୍ଗା ଥାନାରେ ରଖାଯାଇଛି । ଉଭୟ ପକ୍ଷ ଗଣ୍ଡଗୋଳ ନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଥାନାରେ ଦେଇଥିବା ଜଣାପଡିଛି। ଏହି ଦୁଇ ଗ୍ରାମ ମଧ୍ୟରେ ଗତ ଦୁଇ ମାସ ତଳେ ମଧ ବିବାଦ ଦେଖାଦେଇଥିଲା । ଏହାକୁ ନେଇ ଭାଲଗୁଡା ଗ୍ରାମବାସୀ ନବରଙ୍ଗପୁର ଜିଲାପାଳ, ଏସପି, ନବରଙ୍ଗପୁର ଡିଏଫ୍‌ଓଙ୍କୁ ଜଣାଇଥିଲେ। ଚଟାହାଣ୍ଡି ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରି ୨ ଗ୍ରାମବାସୀଙ୍କୁ ନବରଙ୍ଗପୁର ତହସିଲ ଅଫିସକୁ ଡକାଇଥିଲେ। ସେଠାରେ ନବରଙ୍ଗପୁର ତହସିଲଦାର ଏବଂ କୋଡିଙ୍ଗା ତହସିଲଦାରଙ୍କ ଉପସ୍ଥିତିରେ ଦୁଇ ଗ୍ରାମର ଲୋକଙ୍କୁ ସେହି ଜମିକୁ ଯିବାକୁ ମନା କରିଥିଲେ। ଘଟଣାସ୍ଥଳକୁ ଯାଇ ଏହାର ଏକ ସ୍ଥାୟୀ ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାଜସ୍ୱ ବିଭାଗର କୌଣସି କର୍ମଚାରୀ ଆସି ନ ଥିଲେ । ଜମିରେ ଭାଲୁଗୁଡା ଗ୍ରାମବାସୀ ଯେହେତୁ ଚାଷ କରିଥିଲେ । କିନ୍ତୁ ବାସିନୀ ଗ୍ରାମର ଲୋକ ଧାନକାଟି ନେଉଥିଲେ ଫଳରେ ଦୁଇଗ୍ରାମବାସୀଙ୍କ ମଧ୍ୟରେ ରବିବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ବାସିନୀ ଗ୍ରାମବାସୀଙ୍କ କହିବାନୁଯାୟୀ ସେହି ସରକାରୀ ଜମିସବୁ ବାସିନି ମୌଜାରେ ଅଛି । କିପରି ଭାଲୁଗୁଡା ଲୋକ ଦଖଲ କରିବେ ଆମ ମୌଜାର ଜମି ଆମେ ଚାଷ କରିବୁ । ପ୍ରଶାସନକୁ ଭାଲୁଗୁଡା ଏବଂ ବାସିନୀ ଉଭୟ ପକ୍ଷ ପୂର୍ବରୁ ଜଣାଇଥିଲେ ମଧ୍ୟ ପ୍ରଶାସନ କୌଣସି ପ୍ରକାର ସ୍ଥାୟୀ ସମାଧାନ ନ କରିଥିବା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ଭାଲୁଗୁଡାର ତ୍ରଲୋଚନ ମାଝି, ଡମ୍ବୁରୁ ମାଝି, ମୋତି ସିଂ ମାଝି, ଲଛମନ ଭତ୍ରା, ଡମୁ ସିଂ ମାଝି, ଚୈତନ ମାଝି ପ୍ରମୁଖ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଯଦି କୌଣସ ସ୍ଥାୟୀ ସମାଧାନ କର ନ ଯାଏ ତାହାହେଲେ ଆମେ ବାଧ ହୋଇ ଆଇନକୁ ହାତକୁ ନେବୁ ବୋଲି ପ୍ରକାଶ କରିଥିଲେ ।

■ଠିକାଦାର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

## ଶ୍ରମିକଙ୍କ ଉପରେ ପଡୁଛି ପ୍ରଭାବ, ବିକାଶରେ ବାଧା

**ନବରଙ୍ଗପୁର,୧୦।୧୧(ବି.ପ୍ର.)**

ନିଖିଳ ଓଡିଶା ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ଶ୍ରମିକଙ୍କ ଉପରେ ପ୍ରଭାବ ପକାଇଛି । ଗତ ୧ ତାରିଖରୁ କାମ ବନ୍ଦ ରହିଥିବାରୁ ଶ୍ରମିକମାନେ କାମ ଧନ୍ଦା ପାଉ ନାହାନ୍ତି। ନବରଙ୍ଗପୁର ଜିଲାରେ ଠିକାଦାରଙ୍କ ନିକଟରେ କାମ କରୁଥିବା ଶ୍ରମିକ ଏବଂ ମିସ୍ତ୍ରୀମାନଙ୍କୁ ସପ୍ତାହକରେ ଥରେ ସେମାନଙ୍କ ପ୍ରାପ୍ୟ ଠିକାଦାର ଦେଇଥାନ୍ତି। ଏପରିକି ଶ୍ରମିକ ଓ ମିସ୍ତ୍ରୀମାନେ ସାପ୍ତାହିକ ହାଟ ଦିନ ଠିକାଦାରଙ୍କ ଠାରୁ ଟଙ୍କା ନେଇ ହାଟ ବଜାର କରିବା ସହ ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି । ଏବେ ଜିଲାରେ ଠିକାଦାରମାନେ ୧୦ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା କରିବା ଦ୍ୱାରା ଶ୍ରମିକମାନେ କାମ ନପାଇ ହାତବାନ୍ଧି ବସିଛନ୍ତି । ନିୟମିତ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଏବେ ଆର୍ଥିକ ସମସ୍ୟା ମଧ୍ୟରେ ରହୁଛନ୍ତି । ଜିଲାରେ କାମଧନ୍ଦା ନପାଇଁ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି । ଏଭଳି ସ୍ଥଳେ ଦାବୀ ପୂରଣ ନହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି । ଏହା ଦ୍ୱାରା ଶ୍ରମିକଙ୍କ ପେଟପାଟଣା ଉପରେ ଅଧିକ ଚାପ ପଡିବ । ଜିଲାରେ କିଛି କାମଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକମାନେ ପୁଣି ରୋଜଗାର ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ ହେବେ। ଅନ୍ୟ ପକ୍ଷେ କାର୍ଯ୍ୟବନ୍ଦ ଲାଗି ଜିଲାରେ ବିଭିନ୍ନ ସରକାରୀ କାର୍ଯ୍ୟର ଭିତ୍ତିଭୂମି ବିକାଶ, ରାସ୍ତା ଘାଟ ନିର୍ମାଣ, ସଂଯୋଗୀକରଣ ଓ କୋଠାବାଡି ନିର୍ମାଣ କାର୍ଯ୍ୟ ଏବେ ଆଗେଇ ପାରୁନାହିଁ । ଏହା ଦ୍ୱାରା ଜନସାଧାରଣଙ୍କ ପାଇଁ ସରକାର ଉପଲବ୍ଧ କରୁଥିବା ଉନ୍ନତି ମୂଳକ କାର୍ଯ୍ୟରେ ସମସ୍ୟା ଦେଖା ଦେଉଛି। ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ବୋଲି ମତପ୍ରକାଶ ପାଉଛି। ଏନେଇ ଜିଲା ଠିକାଦାର ସଂଘ ସଭାପତି ଜଗନ୍ନାଥ ମହାପାତ୍ରଙ୍କୁ ପଚାରିବାରୁ ୧୦ ଦଫା ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ଦିଆଯାଇଛି। ୧ ତାରିଖରୁ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି ବୋଲି କହିଛନ୍ତି।

## ମାଓବାଦୀ ନାମରେ ଗଛ କାଟି ରାସ୍ତା ଅବରୋଧ



ରାସ୍ତା ଅବରୋଧ ଯୋଗୁ ଆମ୍ବୁଲାନ୍ସ ଅଟକି ରହିଛି।

**ଝରିଗାଁ,୧୦।୧୧(ସ୍ୱ.ପ୍ର)**

- ଦୁର୍ବୃତ୍ତ ଏପରି କରିଥିବା ପୋଲିସର ସନ୍ଦେହ
- ଘଟଣାସ୍ଥଳୁ ପୋଷ୍ଟର ଜବତ

ନବରଙ୍ଗପୁର ଜିଲା ଝରିଗାଁ– ଚନ୍ଦାହାଣ୍ଡି ଘାଟିରେ ଶନିବାର ବିଳମ୍ବିତ ରାତିରେ ଗଛ କାଟି ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। କଟାଯାଇଥିବା ଗଛ ନିକଟରେ ମାଓବାଦୀଙ୍କ ନାମରେ ଏକ ପୋଷ୍ଟର ଲଗାଯାଇଥିଲା। ତେବେ କେହି ଦୁର୍ବୃତ୍ତ ଗଛ କାଟି ରାସ୍ତା ଅବରୋଧ କରି ମାଓବାଦୀ ନାମରେ ପୋଷ୍ଟର ମାରିଥିବା ପୋଲିସ ସନ୍ଦେହ କରୁଛି। ଚନ୍ଦାହାଣ୍ଡି ମେଡିକାଲରେ ରହିଥିବା ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନବରଙ୍ଗପୁରରେ ଛାଡି ଚନ୍ଦାହାଣ୍ଡିକୁ ଫେରିବା ସମୟରେ ଘାଟିରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଏହାପରେ ଆମ୍ବୁଲାନ୍ସ କର୍ମଚାରୀ ଆଗକୁ ନ ଯାଇ ହାତୀବାଡି ଗ୍ରାମ ରାସ୍ତାକଡରେ ଥିବା ଗୋଟିଏ ହୋଟେଲ୍ ନିକଟରେ ରାତିରେ ରହିଥିଲେ। ସକାଳୁ କର୍ମଚାରୀ ଗଛକୁ ହଟାଇ ଚନ୍ଦାହାଣ୍ଡି ଫେରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ସେଠାରୁ ଭାରତୀୟ କମ୍ୟୁନିଷ୍ଟ କ୍ରାନ୍ତିକାରୀ ମାଓବାଦୀ ମୈନପୁର ଇନ୍ଦଗାଁ ଡିଭିଜନ ନାମରେ ଲେଖାଯାଇଥିବା ଏକ ପୋଷ୍ଟର ପୋଲିସ ଜବତ କରିଛି। ଜଙ୍ଗଲରେ ରହୁଥିବା ଲୋକମାନଙ୍କୁ ଜଙ୍ଗଲ ଅଧିକାର ଏବଂ ବେକାର ଯୁବକଙ୍କୁ ରୋଜଗାର ଦେଉନଥିବା ପ୍ରତିବାଦରେ ରାଜ୍ୟ ସରକାରଙ୍କ ବିରୋଧରେ ସଂଘର୍ଷ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ରବିବାର ସନ୍ଧ୍ୟାରେ ମଧ ଗଛ କାଟି ଝରିଗାଁ– ଚନ୍ଦାହାଣ୍ଡି ଘାଟି ରାସ୍ତା ଅବରୋଧ କରାଯାଇଛି। ଏ ନେଇ ଝରିଗାଁ ଥାନା ଅଧିକାରୀ ନରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରାଥମିକ ତଦନ୍ତରୁ ଏହା ମାଓବାଦୀଙ୍କ ନାମରେ କେହି ଦୁର୍ବୃତ୍ତ ଏହିଭଳି କାମ କରିଥିବ ବୋଲି ସନ୍ଦେହ କରାଯାଉଛି ।

# ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

**ଚନ୍ଦାହାଣ୍ଡି/ କୋଡିଙ୍ଗା, ୧୦।୧୧(ଡି.ଏନ.ଏ)**

ଚନ୍ଦାହାଣ୍ଡି ବ୍ଲକ ଅଧୀନ ମୋହରା ଓ ବେହେରାମୁଣ୍ଡା ଜାମା ମସଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୋହରା ଓ ବେହେରାମୁଣ୍ଡା ଗ୍ରାମର ମୁସଲମାନ ଭାଇମାନେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ପରେ ମସଜିଦ ପରିସରରେ ଜନାବ ହାଜି ମହମ୍ମଦ ଇଶାଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ମୌଲାନା ସଲମାନ ରଜା ହବିବିଙ୍କ ପୌରହିତ୍ୟରେ ଫାତିହା ପାଠ କରାଯାଇଥିଲା। ପରେ ପରସ୍ପରକୁ ଆଲିଙ୍ଗନ କରି ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିନର ଶୁଭେଚ୍ଛା ପ୍ରଦାନ କରିଥିଲେ। ଏଥିରେ ମୋହରା ସୁନ୍ନି ମୁସଲିମ କମିଟିର ସଭାପତି ମହମ୍ମଦ ୟୁନୁସ, ସମ୍ପାଦକ ମହମ୍ମଦ ସଲିମ, ଉପସଭାପତି ମହମ୍ମଦ ରଫିକ, କୋଷାଧ୍ୟକ୍ଷ ମହମ୍ମଦ ସାଜିଦ, ମହମ୍ମଦ ହନିଫ, ମୁରାଦୁ ଅଲ୍ଲି, ଅକରବ ଅଲ୍ଲି, ଅବଦୁଲ ମଜିଦ, ମହମ୍ମଦ ହୁସେନ, ଅବଦୁଲ କୁୟୁମ, ମହମ୍ମଦ ଅସପାକ, ମହମ୍ମଦ ରିଜଓାନ, ମୁମତାଜ ଅଲ୍ଲି, ସହୀଦ ଅଲ୍ଲି, ମକବୁଲ ଅଲି, ସୁଲତାନ ଅଲି, ମୁରାଦ ଅଲୀ, ମୁସ୍ତଫା ଅଲୀ ପ୍ରମୁଖ ଉପସ୍ଥିତ ଥିଲେ। କୋଡିଙ୍ଗାଠାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ କୋଡିଙ୍ଗା ରାଜା ମସଜିଦ ତରଫରୁ ପାଳିତ ହୋଇଯାଇଛି। କୋଡିଙ୍ଗା ରାଜା ମସଜିଦର ସଭାପତି ଇଲିୟାସ ଖାନଙ୍କ ନେତୃତ୍ୱରେ ମୁସଲମାନ ଭାଇମାନେ ନଗର ପରିକ୍ରମା କରିଥିଲେ। ପରେ ମସଜିଦ ପ୍ରାଙ୍ଗଣରେ ଏକ ବୈଠକରେ ମହମ୍ମଦଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହମ୍ମଦ ଓ୍ୱସି, ଅବଦୁଲ ଅଜିଜ, ଅବୁଦଲ ହମିଜ, ଅବଦୁଲ ସଫି, ଅବଦୁଲ ଜାହିଦ, ଅମଜଦ ଖାନ, ମେହବୁବୁ ଅଲି, ମୁସ୍ତାକ ଖାନ ପ୍ରମୁଖ ଭାଗ ନେଇଥିଲେ।



ଚନ୍ଦାହାଣ୍ଡି ଓ କୋଡିଙ୍ଗାଠାରେ ବାହାରିଥିବା ଶୋଭାଯାତ୍ରା।

## ବିଶ୍ୱ ହିନ୍ଦୁ ପରିଷଦର ନୂତନ ଜିଲା ସମିତି ଗଠିତ

**ନବରଙ୍ଗପୁର,୧୦।୧୧(ବି.ପ୍ର)**

ନବରଙ୍ଗପୁର ଜିଲା ବିଶ୍ୱ ହିନ୍ଦୁ ପରିଷଦର ନୂତନ ସମିତି ଗଠନ କରାଯାଇଛି । ପରିଷଦର ପ୍ରାନ୍ତ ଧର୍ମପ୍ରସାର ସଭାପତି ସର୍ବେଶ୍ୱର ତ୍ରିପାଠୀ ଓ କାର୍ଯ୍ୟାଳୟ ପ୍ରମୂଖ ବିପିନ ଗଡନାୟକଙ୍କ ଉପସ୍ଥିତିରେ ସମିତି ଘୋଷଣା କରାଯାଇଛି । ସର୍ବସମ୍ମତିକ୍ରମେ ମାର୍ଗଦର୍ଶକ ମଣ୍ଡଳୀରେ ନାରାୟଣ ପଣ୍ଡା, ପ୍ରେମଚାନ୍ଦ ପଟ୍ଟନାୟକ , ଗଣେଶ ଦାଶ ଓ ଜଗତ ତ୍ରାତ୍ରା ଦାସ ରହିଛନ୍ତି। ଜିଲା ସଭାପତି ଭାବେ ବିନୟ କର, କାର୍ଯ୍ୟକାରୀ ସଭାପତି ଶରତ ପାତ୍ର, ସମ୍ପାଦକ ସୁନୀଲ ବେହେରା, ଉପସଭାପତି ଦେବେନ୍ଦ୍ର ପ୍ରଧାନ ଓ ଅନୀଲ ମିଶ୍ର, ସହସମ୍ପାଦକ ଅଞ୍ଜନ ଜେନା ଓ ଭଗବାନ ମହାନ୍ତି, ଧର୍ମପ୍ରସାର ସମ୍ପାଦକ ଚନ୍ଦ୍ର ପ୍ରଭାକର ପୂଜାରୀ, ବଜରଙ୍ଗଦଳ ସଂଯୋଜକ ନବୀନ ପନକା,ଦୁର୍ଗା ବାହିନୀ ପ୍ରମୂଖ ରହିଛନ୍ତି। ଦୌପଦୀ ମାଡକାମୀ, ଧର୍ମପ୍ରସାର ପ୍ରମୂଖ ବଳି ଶାନ୍ତା, କୋଷାଧ୍ୟକ୍ଷ ଚକ୍ରେଶ ଜୈନ, ଏକକ ବିଦ୍ୟାଳୟ ସଂଯୋଜକ ସୁବାସ ଅଗ୍ରୱାଲ, ନଗର ସଭାପତି ଜଗନ୍ନାଥ ଦାଶ, ଧର୍ମାଚାର୍ଯ୍ୟ ପ୍ରମୂଖ ପଞ୍ଚାନନ ତ୍ରିପାଠୀ, ଗୋରକ୍ଷା ପ୍ରମୂଖ ବାବୁ ଠାକୁର, ଧର୍ମରକ୍ଷା ପ୍ରମୂଖ ରିତେଶ ପୂଜାରୀଙ୍କ ସମେତ ଜିଲା ସମିତିର ସଦସ୍ୟଭାବେ ଅନ୍ତର୍ଯ୍ୟାମି ବଳ, ତୁଳସୀ ବିଷୋୟୀ, ମିହିର ଢାଲି, ଦୀପକ ହରିଜନ, ଟଙ୍କଧର ଭତରା, ପୁରୁଷୋମ ଝାଙ୍କଡ, ସୁବଳ ବାଘ, ଘାସିରାମ ସିଂ, ବଂଶୀଧର ଦାଶ,ବାବୁଲାଲ ଜଗତ, ସୁରେନ୍ଦ୍ର ମାଝୀ ଓ ପ୍ରକାଶ ଟାକ୍ରି ପ୍ରମୂଖ ରହିଛନ୍ତି । ଏହି ନୂତନ ସମିତି ଜିଲାରେ ହିନ୍ଦୁଙ୍କ ସୁରକ୍ଷା, ଧର୍ମପ୍ରସାର ଓ ଗୋସୁରକ୍ଷା ପାଇଁ କାର୍ଯ୍ୟ କରିବ । ଜିଲାରେ ସଙ୍ଗଠନକୁ ଅଧିକ ସୁଦୃଢ କରିବା ସହ ପ୍ରତ୍ୟେକ ଗ୍ରାମରେ ପରିଷଦର ସମିତି ଗଠନ କରାଯିବ । ଜିଲାରେ ସେବା କାର୍ଯ୍ୟକୁ ଅଗ୍ରାଧିକାର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

■ବୋଲେରୋ-ବାଇକ୍ ମୁହାଁମୁହିଁ ଧକ୍କା

## ସ୍ୱାମୀ ମୃତ, ସ୍ତ୍ରୀ ଓ ଶିଶୁକନ୍ୟା ଗୁରୁତର

**ଧୋଡ୍ରା,୧୦।୧୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଧୋଡ୍ରା ବି.ବି ଛାଟୋଇ ନର୍ସିଂ କଲେଜ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ ଓ ବୋଲୋରେ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ସ୍ୱାମୀର ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଓ ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ସେମିଲିରଦ୍ରା ଗ୍ରାମର ରାଜୁ ସାନ୍ତା। ଉମରକୋଟ ଆଡୁ ଏକ ବୋଲୋରୋ (ନଂ ଓଡି୧୦କେ୧୮୨୮) ଅରଚିତଗୁଡା ଯାଉଥିଲା। ବିପରୀତ ଦିଗରୁ ଏକ ନମ୍ବର ବିହୀନ ବାଇକରେ ସେମିଲିରଦ୍ରା ଗ୍ରାମର ରାଜୁ ସାନ୍ତା ନିଜ ସ୍ତ୍ରୀ ହାରାବତୀ ସାନ୍ତା ଓ ୭ ମାସର ଶିଶୁକନ୍ୟାକୁ ଧରି ଗାଁକୁ ଆସୁଥିଲେ। ବି.ବି ଛାଟୋଇ କଲେଜ ଛକ ନିକଟରେ ବାଇକ ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ରାଜୁ ଛିଟିକି ତଳେ ପଡି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହାରାବତୀ ଓ ଶିଶୁକନ୍ୟାକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ସହ ଗାଡି ୨ଟିକୁ ଜବତ କରି ତଦନ୍ତ କରୁଛି।

# ରାଜ୍ୟସ୍ତରକୁ ଲିପସା ମନୋନୀତ

**ନବରଙ୍ଗପୁର,୧୦।୧୧(ବି.ପ୍ର.)**

**ଗୀତା ଆବୃତ୍ତି ପ୍ରତିଯୋଗିତା**



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ସ୍ଥାନୀୟ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇ ଯାଇଛି। ୧୭ ବିଦ୍ୟାଳୟର ୮୨ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ୧ମରୁ ୪ର୍ଥ, ୫ମରୁ ୭ମ, ୮ମରୁ ୧୦ମ, ଯୁକ୍ତ ଦୁଇ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କୁ ନେଇ ବରିଷ୍ଠ କନିଷ୍ଠ ବର୍ଗ ଗଠନ କରାଯାଇ ପ୍ରତିଯୋଗିତା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗ ଦେଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଲିପସା କର ଗୀତାରେ ଥିବା ୧୨ଟି ଶ୍ଳୋକ ଆବୃତ୍ତି କରିବାକୁ କୁହାଯାଇଥିବା ବେଳେ ସେ ୪୭ଟି ଶ୍ଳୋକ ନିର୍ଭୁଲ ଭାବେ ଆବୃତ୍ତି କରିଥିବାରୁ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି । ପୁରୀଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସେ ଭାଗ ନେବା ପାଇଁ ଉନ୍ନୀତ ହୋଇଛନ୍ତି ।

ଡିସେମ୍ବର ମାସରେ ଉମରକୋଟ, ତେନ୍ତୁଳିଖୁଣ୍ଟି, ଓ କୋଷାଗୁମୁଡା ଠାରେ ମଧ ଗୀତା ଆବୃତ୍ତି ପ୍ରତିଯୋଗୀତା କରାଯିବ ବୋଲି କମିଟିର ସଦସ୍ୟ ବିଭୂ ବ୍ରହ୍ମା କହିଛନ୍ତି। ନରସିଂହ ତ୍ରିପାଠୀ, ବିଭୂ ବ୍ରହ୍ମା, ମଧୁ ସୂଦନ ସାହୁ, ପ୍ରେମଚନ୍ଦ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବି ଶଙ୍କର ସାହୁ, ଚନ୍ଦ୍ର ପ୍ରଭାକର ପୂଜାରୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ବିନୟ କୁମାର କର ପ୍ରମୂଖ ପରିଚାଳନା କରିଥିଲେ । ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରର ୧୭ ଜଣ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ